

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୩୧ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 31 MARCH 2025

Vol.No. 36 ■ No.85 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ବେଙ୍ଗାଲୁର - କାମାକ୍ଷା ଏକ୍ସପ୍ରେସର ୧୧ଟି କୋଚ ଲାଇନଚ୍ୟୁତ



ଭୁବନେଶ୍ୱର, ୩୦/୩ (ନି.ପ୍ର): ବେଙ୍ଗାଲୁର - କାମାକ୍ଷା ଏକ୍ସପ୍ରେସ ଆଜି ୧୧.୪୫ ସମୟରେ ନିର୍ଗୁଣ୍ଡି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୧୧ ଟି ଏସି ବଗି ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଥିବା ଜଣା ପଡିଛି । ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମେଡିକାଲରେ ପହଂଚି ଆହତମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଛନ୍ତି । ବରିଷ୍ଠ ଡାକ୍ତରମାନେ ଆହତଙ୍କ ଚିକିତ୍ସା କରୁଛନ୍ତି । ଦୁର୍ଘଟଣା ପରେ ଏନ୍‌ଡିଆରଏଫ ଟିମ୍ ଓ ଅଗ୍ନିଶମ ବାହିନୀ ଲୋକଙ୍କ ଉଦ୍ଧାରକାର୍ଯ୍ୟ କରିଥିଲେ । କାମାକ୍ଷା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ପରେ ସ୍ପେଶାଲ୍ ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଂଚାଇବାକୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା ହୋଇଥିବା ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ରେଳବାଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭୁବନେଶ୍ୱରରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ବାହାରିଥିଲା । ଭାୟା ନରାଜ ଦେଇ ଏହି ଟ୍ରେନ ଦୁର୍ଘଟଣାସ୍ଥଳ ନିକଟକୁ ଯାଇଛି । ଅଧାରେ ଫସିଥିବା ଯାତ୍ରୀଙ୍କୁ ନେଇ ଗନ୍ତବ୍ୟ ସ୍ଥଳରେ ପହଂଚାଇବ ଏହି ଟ୍ରେନ୍ । ସମସ୍ତ ଯାତ୍ରୀଙ୍କୁ ନେଇ ଟ୍ରେନଟି କାମାକ୍ଷା ଅଭିମୁଖେ ଯାତ୍ରା କରିବ ବୋଲି ସେ କହିଛନ୍ତି । ରେଳବାଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ. ଅପଲାଇନ୍ ରେ ସାଧାରଣ ଭାବେ ଟ୍ରେନ ଚଳାଚଳ ହେଉଛି । ଡାଉନ୍ ଲାଇନ୍ କିଛି ଟ୍ରେନ ଡାଇଭର୍ଟ ହୋଇଛି । ଡାଉନ ଲାଇନରେ ଦୁର୍ଘଟଣା ହୋଇଥିବାରୁ ରେଷ୍ଟୋରେସନ କାମ ଶୀଘ୍ର ସାରିବା ଲକ୍ଷ୍ୟ ରଖାଯାଇଛି । ଦୁର୍ଘଟଣା ଘଟିଥିବା ସ୍ଥାନରେ ରିଷ୍ଟୋରେସନ କାମ ଆରମ୍ଭ ହୋଇଛି ଓ ଅନ୍ୟାନ୍ୟ ଟ୍ରେନ ଚଳାଚଳ ବ୍ୟବସ୍ଥା ଆରମ୍ଭ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ପୂର୍ବତଟ ରେଳପଥ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଅଶୋକ କୁମାର ମିଶ୍ର ।

## ରେଳ ଦୁର୍ଘଟଣାରେ ପୀଡ଼ିତ ଯାତ୍ରୀଙ୍କୁ ନେଇ ଗଡ଼ିଲା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୩୦/୩ (ନି.ପ୍ର): ମଙ୍ଗୁଳି ନିକଟ ନିର୍ଗୁଣ୍ଡିରେ ଦୁର୍ଘଟଣାର ଶିକାର ହୋଇଥିବା ଏକ୍ସପ୍ରେସ୍ ଟ୍ରେନ୍‌ର ଯାତ୍ରୀମାନେ ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ନିଜର ଯାତ୍ରା ଆରମ୍ଭ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଦୁର୍ଘଟଣା ଯୋଗୁଁ ସମସ୍ୟାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ କାମାକ୍ଷା ଅଭିମୁଖେ ବାହାରିଛି । ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହେଲା ପରେ ସ୍ପେଶାଲ୍ ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି । ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଂଚାଇବାକୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## ଓପିଏସ୍‌ସି ପରିଚାଳିତ ଓଡ଼ିଶା ଇନଫର୍ମେସନ୍ ସର୍ଭିସ୍ ପରୀକ୍ଷାରେ ତ୍ରୁଟି

ଭୁବନେଶ୍ୱର, ୩୦/୩ (ନି.ପ୍ର): ସାମ୍ବାଦିକତା ଓ ଗଣ ଯୋଗାଯୋଗ ପେପରରେ ଶହେ ବଦଳରେ ୯୪ ନମ୍ବରର ପ୍ରଶ୍ନ । ପୂର୍ଣ୍ଣ ସଂଖ୍ୟାଠୁ ୬ ମାର୍କ କମ୍ ଥିବା ନେଇ ପରୀକ୍ଷାର୍ଥୀ ଆଣିଲେ ଅଭିଯୋଗ । ସାମ୍ବାଦିକଙ୍କ ପରୀକ୍ଷାରେ ବଡ଼ ବିଭ୍ରାଟ । ଓପିଏସ୍‌ସିର ଏଥିକୁ ନିଘା ନାହିଁ । ପ୍ରଶ୍ନପତ୍ରରେ ତାଳମେଳ ବି ନାହିଁ । ଓପିଏସ୍‌ସି ପରିଚାଳିତ ଓଡ଼ିଶା ଇନଫର୍ମେସନ୍ ସର୍ଭିସ୍ ପରୀକ୍ଷାରେ ତ୍ରୁଟି ଅଭିଯୋଗ । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଏବଂ ଆଜି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀ ପାଇଁ କଟକ ସହରର ୨ଟି ପରୀକ୍ଷା କେନ୍ଦ୍ରରେ କରାଯାଉଥିଲା ଲିଖିତ ପରୀକ୍ଷା । ଆଜି ଥିଲା ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ପେପର୍ । ତେବେ ଶହେ ମାର୍କ ବିଶିଷ୍ଟ ଏହି ପ୍ରଶ୍ନପତ୍ରରେ ରହିଥିଲା ୯୪ ମାର୍କ । ପୂର୍ଣ୍ଣ ସଂଖ୍ୟା ଠାରୁ ୬ ମାର୍କ କମ୍ ଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି ପରୀକ୍ଷାର୍ଥୀ । ତେବେ କେଉଁ ପରିସ୍ଥିତିରେ ଏଭଳି ତ୍ରୁଟି କେମିତି ହେଲା ଯାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି । ଏପଟେ OIS ପରୀକ୍ଷାରେ ତ୍ରୁଟି ପ୍ରସଙ୍ଗରେ ମୁହଁ ଖୋଲିଛି ଓପିଏସସି । ପରୀକ୍ଷାର୍ଥୀଙ୍କ ଅଭିଯୋଗ ପରେ ଓପିଏସ୍‌ସି ସୂଚନା ଦେଇଛି । ଏହା ମୁଦ୍ରଣଜନିତ ତ୍ରୁଟି, ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ।

## ଅନ୍ତ୍ୟୋଦୟ ଗୃହଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୩ (ନି.ପ୍ର): ୭୦ ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ ସମସ୍ୟା ହୋଇ ରହିଛି । ଆଜି ମଧ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ । ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତଙ୍କୁ ପକ୍କା ଘର ମିଳିବ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠାରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ଦିଆଯିବ । ଆଜି କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଏହି ଯୋଜନା ଗ୍ରାମାଂଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଂଚିବାକୁ ଆଶା ଓ ଭରସା ଯୋଗାଇଦେବ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ମସିହାରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ । ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି । ଏହାକୁ ଆହୁରି ଜୋରଦାର କରାଯାଇ ଓଡିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା । ଏହା ଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ । ଆଜି ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଉର୍ଦ୍ଧ୍ୱ




▶▶ପୃଷ୍ଠା ୭

## ପରମାଣୁ ବୋମାଠୁ ଶକ୍ତିଶାଳୀ ମିଆଁମାର ଭୂମିକମ୍ପ

ନୂଆଦିଲ୍ଲୀ, ୩୦ /୩ : ପରମାଣୁ ବୋମାଠୁ ଶକ୍ତିଶାଳୀ ମିଆଁମାର ଭୂମିକମ୍ପ । ମିଆଁମାର ଭୂମିକମ୍ପକୁ ନେଇ ଆମେରିକାର ଦେଇଛି ଏହି ବଡ ସୂଚନା । ଭୂବିଜ୍ଞାନୀ କହିଲେ ୩ଶହ ପରମାଣୁ ବୋମାଠାରୁ ଶକ୍ତିଶାଳୀ ଥିଲା ଭୂକମ୍ପର ପ୍ରଭାବ । ପୂର୍ବରୁ କେବେ ଏତେ ବଡ ଦୁର୍ବିପାକ ଦେଖିନଥିଲା ସମଗ୍ର ବିଶ୍ୱ । ପରମାଣୁ ବୋମାଠୁ ଭୟଙ୍କର ଭୂମିକମ୍ପ । ମିଆଁମାରରେ ତାଣ୍ଡବ ରଚିଥିବା ଭୂମିକମ୍ପ କେତେ ଶକ୍ତିଶାଳୀ ଥିଲା ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ରେକର୍ଡ ହୋଇଥିଲା । ଏପରିକି କେତେକ ଗଣମାଧ୍ୟମରେ ୭.୯ ତୀବ୍ରତା ଥିବା ମଧ୍ୟ ଖବର ପ୍ରସାରିତ ହୋଇଥିଲା । ହେଲେ ଏବେ ଏକ ଅତି ଆଶ୍ଚର୍ଯ୍ୟଜନ ଓ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି ।



▶▶ପୃଷ୍ଠା ୭


DSPL- 439



ପବିତ୍ର ଇଦ୍-ଉଲ୍-ଫିତର -୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

OIPR : 15001/13/0465/2425

DSPL- 439

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଇଦ୍ ମୁବାରକ !

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0465/2425

# ପାଣି ସଂଯୋଗ ପାଇଁ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବଲାଙ୍ଗିର,୩୦/୩(ନିପ୍ର) : ବର୍ତ୍ତମାନ ଟାଣ ଖରା ହେଉଥିବା ଯୋଗୁଁ ଥଣ୍ଡା ପାନୀୟ ଜଳର ଆବଶ୍ୟକତା ରହୁଥିବା ବେଳେ କିଛି ସ୍ଥାନରେ ଜଳର ଅଭାବ ଦେଖାଯାଇଛି। ସମସ୍ତ ଗାଁ ମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ହରଘର ନଳ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ଗାଁ ମାନଙ୍କୁ ଟାଙ୍କି ତିଆରି କରାଯାଉଛି। ଏହି ପରିପ୍ରେକ୍ଷିରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ଭାନପୁର ଗାଁ ଲୋକଙ୍କୁ ପାନୀୟ ଜଳର ସୁବିଧା ପାଇଁ ଏକ ଟାଙ୍କି ନିର୍ମାଣ କରାଯାଇଥିବା ବେଳେ ପ୍ରତ୍ୟେକ ଘରକୁ ପାଣି ଯୋଗାଇବା ପାଇଁ ପାଇପ୍ ଲଗା ଯିବାକୁ ସ୍ଥିର କରିଥିବା ବେଳେ ଭାନପୁର ଗାଁ ର ଗୌନ୍ତିଆ ପରିବାରର ଲୋକେ ବାଧାପ୍ରାପ୍ତ ଦେଉଛନ୍ତି। ସେମାନେ ଏହା ଆମ ପୈତୃକ ସମ୍ପତି ଆଉ ଏହିଠାରେ କୌଣସି ସରକାରୀ କାର୍ଯ୍ୟ କରିବାକୁ ଦେବୁନାହିଁ କହୁଥିବା ଯୋଗୁଁ ଠିକାଦାର କାମ ବନ୍ଦ ରଖିଛନ୍ତି। ଏପଟେ ଟାଣ ଖରାରେ ଲୋକ ପିଇବା ପାଣି ପାଇଁ ବ୍ୟାକୁଳ ହେଉଥିବା ବେଳେ ଗୌନ୍ତିଆ ପରିବାରର ଜିଦ୍ ପାଇଁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ଏଥିପାଇଁ ଗାଁ ର ସରପଂଚ ରୀନା ଜାଲ, ସମାଜସେବୀ ଡିଲେଶ୍ୱର ଜାଲ ଏବଂ ଗାଁ ର ଶତାଧିକ ପୁରୁଷ ଓ ମହିଳାମାନେ ଆଜି ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆସନ୍ତାକାଲି ପୋଲିସ ପ୍ରଶାସନ ଓ ବ୍ଲକ ପ୍ରଶାସନ ଗାଁ ରେ ପହଂଚି ପାଇପ୍ ଲଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି। ଏବେ ଦେଖିବାକୁ ବାକି ରହିଲା ଯେ, ଆସନ୍ତାକାଲି ବିଡ଼ିଓ ମହୋଦୟ କ'ଣ ସୁବିଧା କରୁଛନ୍ତି।

# ନିମ୍ନମାନର କାର୍ଯ୍ୟରେ ଚାଲିଛି ପିଚୁ ରାସ୍ତା : ବିଭାଗୀୟ ଅଧିକାରୀ ଅନୁପସ୍ଥିତ : ହାତରେ ଉଠୁଛି ପିଚୁ

ଧର୍ମଶାଳା,୩୦/୩(ନିପ୍ର) : ଜନସାଧାରଣ ସୁବିଧାରେ ଯାତାୟତ ନିମନ୍ତେ ରାସ୍ତା ନିର୍ମାଣ ଓ ମରାମତି ପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି ସରକାର । ଏନେଇ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ହେଲେ ଏହା ବାସ୍ତବରେ କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି । କେବଳ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଲେଉଟିଆ କିଆରୀ ପାଲଟିଛି । ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ। ଧର୍ମଶାଳା ବ୍ଲକ ଦେଓଦା ପଂଚାୟତଠାରୁ ମଙ୍ଗଳପୁର ପଂଚାୟତକୁ ସଂଯୋଗ କରୁଥିବା ଆରଡି ରାସ୍ତା କ୍ଷେତ୍ରରେ । ପୂର୍ତ୍ତ ବିଭାଗ ରାସ୍ତାଠାରୁ ବଡରାଏପଡା ୨.୧୩୦ କିମି ରାସ୍ତାର ଉନ୍ନତିକରଣ ନିମନ୍ତେ ପିଚୁ ଓ କଂକ୍ରିଟ ପାଇଁ ୩୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଅଟକଳ କରାଯାଇଛି । ରାସ୍ତା ମରାମତି ଓ ସମ୍ପ୍ରସାରଣ ହେବା ନେଇ ସରକାରୀ ନିୟମ ରହିଛି । ଏବଂ କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହିବା ସହ ସର୍ବସାଧାରଣ ଜାଣିବା ପାଇଁ ସୂଚନା ଫଳକ ମରାଯିବାର ବ୍ୟବସ୍ଥା ରହିଛି । ହେଲେ ପିଚୁ କାମ ସମୟରେ ଠିକାଦାର ନିଜ ଇଚ୍ଛା ମୁତାବକ ର ମ ଠ ରେ କାମ କରୁଥିବା ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି । ଯେତିକି ସେମିର କାମ ହବା କଥା ତାହା କରାଯାଉନାହିଁ । ଦେଓଦା ବାସୁଦେବପୁର(କୁମ୍ଭାରସାହି) ଠାରେ ୩ରୁ ୪ ଦିନର ପିଚୁ ରାସ୍ତା ଏବେ ହାତରେ ଉଠି ଯାଉଥିବା ବେଳେ ସାଧାରଣ କ୍ଷେତ୍ରରେ ଏକ ଗାଡି ଗଲେ ପିଚୁ ଉଠି ଯାଉଛି । ଉଠି ଯାଉଥିବା ପିଚୁ ଉପରେ ତାଳି ପକା ଚାଲିଛି । ପିଚୁରେ ଅଠା ଅଂଶ ରହୁ ନାହିଁ । କେତେ ସେମି ହେବ ତାହା ମଧ ଜାଣିପାରୁ ନାହାନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କାହା ଇଙ୍ଗିତରେ ଏପରି ନିମ୍ନମାନର କାର୍ଯ୍ୟ କରାଯାଉଛି, ଏବେ ଏହି ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । ଅନ୍ୟ ପକ୍ଷେ ନିୟମ ଅନୁଯାୟୀ କାମ ଚାଲିଛି,ପରେ ଭଲ କାମ ହେବ ବୋଲି କୁହାଯାଉଛି । ଏହି ରାସ୍ତାର ସ୍ଥାୟୀତ୍ୱ ,କେତେ ସେମିର ମରାମତି ତାହା ସ୍ଥାନୀୟ ଲୋକେ ଜାଣିପାରୁ ନାହାଁନ୍ତି । ଯାହାକୁ ନେଇ ଠିକାଦାର ଓ ଗ୍ରାମବାସୀଙ୍କ ମଧ ବଚସା ହୋଇଥିବା ନଜିର ରହିଛି । ବିଭାଗୀୟ କର୍ମଚାରୀ କାମ ନିକଟରେ ଉପସ୍ଥିତ ରହୁଛନ୍ତି ଏବଂ ଯଦି ନିମ୍ନମାନର କାମ ହୋଇଥାଏ ତାହା ହେଲେ ଭଲ କାମ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି ।

# ଆନ୍ତର୍ଜାତୀୟ ସମବାୟ ଦିବସ ୨୦୨୫ ପାଳିତ

କେନ୍ଦ୍ରାପଡ଼ା,୩୦/୩(ନିପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ସମବାୟ ଦିବସ ୨୦୨୫ ପାଳନ ହୋଇଯାଇଛି । ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଆର୍‌ସିଏସ୍ ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମବାୟ ଦିବସରେ ମହିଳା ସଶକ୍ତିକରଣରେ ସମବାୟର ଭୂମିକା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସୁଭଦ୍ରା ସ୍ୱୟଂ ସହାୟିକା ଗୋଷ୍ଠୀ, ବଜରଙ୍ଗବଳୀ ସ୍ୱୟଂ ସହାୟିକା ଗୋଷ୍ଠୀ, ହଜୁରେ ମୋଜାହିଦ ମିଲାଦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି।

# ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, ୩୦/୩(ନିପ୍ର) : ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ବାରିକଙ୍କୁ ଶନିବାର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ ଗାହାଣଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ମନୋଲି ସାମଲା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ଼. ସୁକାନ୍ତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ୍ କଲେଜରେ ଦୀର୍ଘଦିନ ଧରି ରହି ଆନ୍ତରିକତାର ସହ କାର୍ଯ୍ୟ କରି କଲେଜର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସେ ଜଣେ ଛାତ୍ରବତ୍ସଳ, କର୍ତବ୍ୟନିଷ୍ଠ, ସମୟାନୁବର୍ତୀ ଅଧ୍ୟାପକ ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ଅଧ୍ୟାପକ ଶ୍ରୀ ବାରିକ୍‌ଙ୍କୁ ଉପଢ଼ୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଛାତ୍ରଛାତ୍ରୀମାନେ ମଧ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀରାମ ଦାଶ, ଦୀନବନ୍ଧୁ ମିଶ୍ର, ଦିଲ୍ଲୀପ ପତି ବିଜୟ ପଣ୍ଡା, ରମେଶ ସାହୁ ନିରଞ୍ଜନ ପାଢ଼ୀ, ସରୋଜ କୁମାର ବାରିକ, ରାଜେଶ କୁମାର ଦାସ ଅଧ୍ୟାପିକା ନିରୁପମା ସାହୁ, ମନ୍ଦାକିନୀ ବଳ,ନିବେଦିତା ପଣ୍ଡା,ଅଲିଭା ଯେନା, ସମୀକ୍ଷା ଲେଙ୍କା, ଶ୍ୱେତାଲିନା ଦାସ, ଜ୍ୟୋତ୍ସ୍ନା ରାଣୀ ବିଶ୍ୱାଳ,ମୁଖ୍ୟ କିରାଣୀ ହରେକୃଷ୍ଣ ଧନୀ ପ୍ରମୁଖ ଯୋଗ ଦେଇ ଅଧ୍ୟାପକ ଶ୍ରୀ ବାରିକ୍ ଅବସର କଲେଜ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି କହିଥିଲେ। ଶେଷରେ ଅଧ୍ୟାପକ ଜିତେନ୍ଦ୍ର କୁମାର ରାୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଶିକ୍ଷା କର୍ମଚାରୀ ବିପଦ ଭଂଜନ ପତି, ପଦ୍ମିନୀ ମହାନ୍ତି, ଦିବାକର ବୀର, ରମେଶ କୁମାର ବଳ, ପ୍ରଦୀପ କୁମାର ରାଉଳ, ଦିଲ୍ଲୀପ କୁମାର ସେଠୀ, ବଂଶୀଧର ସେଠୀ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଶହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ

ଜୟପୁର,୩୦/୩(ନିପ୍ର) : ଶହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଜୟପୁର ସହର ପୁରାତନ ଚିକିତ୍ସାଳୟ ସମ୍ମୁଖରେ ଥିବା ଶହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତି ଠାରେ ତିରୋଧାନ ଦିବସ ଆଜି ସକାଳ ୮ଟାରେ ପାଳିତ ହୋଇଛି । ଜୟପୁର ଉପଖଣ୍ଡ ପ୍ରଶାସନ, ଉତ୍କଳ ସମ୍ମିଳନି କୋରାପୁଟ ଜିଲା ଶାଖା, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି ଓ ପୁଜ୍ୟପୁଜା ତରଫରୁ ପାଳନ କରାଯାଇଛି । ଶହିଦ ଲକ୍ଷମଣ ନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଆଜିର ଦିବସ ଉପରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜୟପୁର ଉପ ଜିଲାପାଳ ଆକାବରମ ଶଶ୍ୟା ରେଡ୍ଡି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିଡିଓ ଶକ୍ତି ମହାପାତ୍ର, ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାର କୃତିବାସ ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରି ଯୋଶଦା ଗାଧବା, ମଦନ ମୋହନ ନାୟକ, ମାଧବ ଚୌଧୁରୀ, ବାଲା ରାୟ, ହରିଷ୍ଚନ୍ଦ୍ର ମୁଦୁଲି, ସୁରେନ୍ଦ୍ର ଖରା, କେଦାର ନାଥ ବେହେରା, ବୈରାଗି ସାହୁ, ବୃନ୍ଦାବନ ଖରା, ପରମେଶ୍ୱର ପାତ୍ର, ଗୌରବ ଭତ୍ରା, ବାସୁ ନାୟକ, ଭେଙ୍କଟ ରାଓ ପଟ୍ଟନାୟକ, ନବିନ ମାଦଲା, ତପନ କୁମାର ତ୍ରିପାଠି, ଧବୁଲୁ ନାୟକ, ଶିବ କେଶବ ଦାସ,ରାଜେନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ରହି ଶହିଦ ଲକ୍ଷ୍ମଣ ନାୟକଙ୍କୁ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣକରି ସ୍ମୃତି ଚାରଣ କରିଥିଲେ । ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ୟାମ ରଞ୍ଜନ ଲେଙ୍କା କବିତା ପାଠ କରିଥିଲେ । ଟାଉନ ହଲ ଠାରେ ସହୀଦ ଲକ୍ଷ୍ମଣ ନାୟକଙ୍କ ଏକ ପ୍ରତିମୂର୍ତି, କାର୍ଯ୍ୟାଳୟ ଗୃହ ଏବଂ ବିଭିନ୍ନ ବିଦ୍ୟାଳୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ପୁସ୍ତିକା ବିତରଣ ପାଇଁ ସରକାର ଏବଂ ପ୍ରଶାସନ ପଦକ୍ଷେପ ନେବା ପାଇଁ ସଭାପତି ମଦନ ମୋହନ ନାୟକ ଦାବି କରିଛନ୍ତି ।

# ଶ୍ରୀ ଜଗନ୍ନାଥଙ୍କ ରଥ କାଠ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା,୩୦/୩(ନିପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ସନ୍ଧପଡ଼ା ଓ ଗୋବିନ୍ଦପୁର ସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ରଥ ନିର୍ମାଣରେ କାଠର ଆବଶ୍ୟକ ଥିବାରୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ରଥ ନିର୍ମାଣ ପାଇଁ ୮୦ କେବି ଶାଳ କିମ୍ବା ପିଆଶାଳ କାଠ ଦେବାକୁ ନିବେଦନ କରିଛନ୍ତି। ଏହି ଅଂଚଳରେ ପ୍ରସିଦ୍ଧ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ରାଜନଗର ଅଂଚଳରେ ପ୍ରତିବର୍ଷ ବାହାରି ଥାଏ। ଚଳିତ ବର୍ଷ ରଥର ନିର୍ମାଣ ପାଇଁ କାଠର ନିହାତି ଆବଶ୍ୟକ ଥିବାରୁ କାଠ ଯୋଗାଡ଼ କରିବା ଗ୍ରାମବାସୀଙ୍କ ପକ୍ଷରେ ସମ୍ଭବ ନହେବାରୁ ଜିଲ୍ଲାପାଳଙ୍କର ସହାୟତା ଲୋଡ଼ିଛନ୍ତି। ତେବେ ଜିଲ୍ଲପାଳ ସ୍ମୃତିରଞ୍ଜନ ପ୍ରଧାନ କାଠର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି ସାକ୍ଷାତ ସମୟରେ ସନ୍ଧପଡ଼ା, ଗୋବିନ୍ଦପୁର, ବନ୍ଧପଡା, ରାଜନଗର ଅଂଚଳର ରମାକାନ୍ତ ମହନ୍ତ, ଅଞ୍ଜନ ପାତ୍ର, ଫକିର ଚନ୍ଦ୍ର ପାତ୍ର, କ୍ଷୀରୋଦ କୁମାର ପାତ୍ର, ବିଶ୍ୱ ରଞ୍ଜନ ସ୍ୱାଇଁ, ଦିଗାମ୍ବର ରାଉତ, ଜ୍ୟୋତି ରଞ୍ଜନ ପାତ୍ର, ସମୀର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# ଜଗନ୍ନାଥଙ୍କ ଜମି ବିବାଦକୁ ନେଇ ତିନି ମାସ ମଧ୍ୟରେ ଆସିବ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପିଲିସି : ଆଇନ ମନ୍ତ୍ରୀ

ଭୁବନେଶ୍ୱର,୩୦/୩(ନିପ୍ର) : ଜଗନ୍ନାଥଙ୍କ ଜମି ବିବାଦକୁ ନେଇ ତିନି ମାସ ମଧ୍ୟରେ ରାଜ୍ୟ ସରକାର ନୂଆ ୟୁନିଫର୍ମ ଲ୍ୟାଣ୍ଡ ପିଲିସି ଆଣିବାକୁ ଯାଉଛନ୍ତି । ରାଜ୍ୟବ୍ୟାପୀ ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷ ମଧ୍ୟରେ ତୁଟିବ । ଆଜି ପ୍ରଶ୍ନକାଳରେ ମହାପ୍ରଭୁଙ୍କ ଜମି ସମ୍ପର୍କରେ ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ଗୃହରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଯେଉଁମାନେ ଅଧିବ ବର୍ଷ ଜଗନ୍ନାଥଙ୍କ ଜମି ଦଖଲ କରି ଭୋଗ କରୁଥିବେ ତାଙ୍କୁ ୧୦୦ ଡ଼ିସିମିଲ ଜାଗା ରିହାତି ଦରରେ ରାଜ୍ୟ ସରକାର ଯୋଗାଇ ଦେବେ । ଅନ୍ୟ ଜମି ଉପରେ ବେଂଚ ମାର୍କ ମୂଲ୍ୟ ଉପରେ ଅର୍ଥ ଆଦାୟ କରାଯିବ । ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି ।

# ବିରୂପା କଲେଜର ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୩୦/୩(ନିପ୍ର) :– ଇନ୍ଦୁପୁରସ୍ଥିତ ବିରୂପା କଲେଜ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ନାୟକଙ୍କ ଦୀର୍ଘ ୩୭ ବର୍ଷ ନିରବଚ୍ଛିର୍ଣ୍ଣ ଶିକ୍ଷାଦାନର ଶେଷ କାର୍ଯ୍ୟ ଦିବସ ଚଳିତ ମାସ ୩୧ ତାରିଖ। ପରମ୍ପରାକୁ ସମ୍ମାନ ଜଣାଇ ଏହି ଉପଲକ୍ଷେ କଲେଜ ପରିସରରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଗତକାଲି ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାଧ୍ୟାପକ ଅଭିଜିତ ବୋଷଙ୍କ ପୌରାହିତ୍ୟ ରେ ଆୟୋଜିତ ସଭାକୁ ପରିଚାଳନା କରିଥିଲେ ବରିଷ୍ଠ ଅଧ୍ୟାପକ ଭବାନୀ ପ୍ରସାଦ ପଣ୍ଡା। ପ୍ରାଧ୍ୟାପକ ଗୋପାଳକୃଷ୍ଣ ମହାପାତ୍ର, ଅଧ୍ୟାପକ ନିଗମାନନ୍ଦ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରେମାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖି ଥିଲେ। କଲେଜ ପ୍ରତିଷ୍ଠା ପ୍ରାରମ୍ଭରୁ ଅନେକ ଘାତ ପ୍ରତିଘାତ ଓ ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ଦୃଢତାର ସହିତ ପ୍ରତିହତ କରି ଶ୍ରୀ ନାୟକ ଶିକ୍ଷକ୍ଷୟତନର ଭିତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଗୁଣାତ୍ମକ ଶିକ୍ଷା ବିଶେଷକରି ଅଧୟନ ଦିଗପ୍ରତି ବେଶ ଯତ୍ନବାନ ଥିଲେ। ଶିକ୍ଷା ଓ ଶିକ୍ଷାତନକୁ ଜୀବନର ବ୍ରତକରି ଅଗଣିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ନାଗରିକ ଭାବରେ ଗଢି ତୋଳିବାରେ ଅଶୋକ ସାରଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଶିକ୍ଷାଦାନ ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ହୋଇ ବିକଶିତ ଗ୍ରାମ ଗଠନ ପାଇଁ ତାଙ୍କର ତ୍ୟାଗ ପ୍ରଂଶସା ଯୋଗ୍ୟ ଏହି କଥା ଉପସ୍ଥିତ ସମସ୍ତ ଅଧ୍ୟାପକ - ଅଧ୍ୟାପିକା, ଛାତ୍ର ଛାତ୍ରୀ, ପିଲାଦିନର ବନ୍ଧୁ ତଥା ସ୍ଥାନୀୟ ନେତୃ ମଣ୍ଡଳୀ ପ୍ରକାଶ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଦେଇଥିଲେ।

# ଖୋଲା ଜମିରୁ ଅଚେତ ଅବସ୍ଥାରେ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର

ସମ୍ବଲପୁର,୩୦/୩(ନିପ୍ର) : ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଫୁଲକୁସମ ବିଛୁଟାଙ୍ଗରର ଏକ ଖୋଲା ଚାଷଜମିରୁ ଅଚେତ ଅବସ୍ଥାରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

ସୂଚନାନୁଯାୟୀ ସବୁଦିନ ପରି ଶନିବାର ପ୍ରତ୍ୟୁଷରେ ଫୁଲକୁସମ ଗ୍ରାମର ବିଛୁଟାଙ୍ଗରକୁ କିଛି ଗ୍ରାମବାସୀ ମହୁଲ ଫୁଲ ଗୋଟାଇବାକୁ ଯାଇଥିବା ବେଳେ ସେଠାରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଜମିରେ ଅଚେତ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅଜଣା ବ୍ୟକ୍ତି ଜଣଙ୍କର ଶରୀରରେ ସାଲାଇନ ଲଗାଯାଇଥିବା ବେଳେ ପାଦ ତଳିପାର ଛାଲଗୁଡିକ ଛାଡି ଯାଇଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀମାନେ ତୁରନ୍ତ ତାଙ୍କୁ ପାଣି ସିଂଚନ କରି କିଛି ଖାଇବାକୁ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକୁ ତାଙ୍କ ବିଷୟରେ ପଚାରିବାରୁ ସେ କିଛି କହି ପାରୁନଥିବା ସହ ଶରୀର ଦୁର୍ବଳ ଯୋଗୁଁ ହାତ ଗୋଡ଼ କମ୍ପନ ଦେଖି ତୁରନ୍ତ ଗ୍ରାମବାସୀମାନେ ସ୍ଥାନୀୟ ନିକଟସ୍ଥ ଥାନା, ତହସିଲଦାର, ଆରଆଇ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଆମ୍ବୁଲାନ୍ସ ଗାଡି ଆସିବା ପରେ ତାଙ୍କୁ ଖୋଲା ଜମିରୁ ଷ୍ଟେଚରରେ ଉଠାଇ ଆମ୍ବୁଲାନ୍ସରେ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠା ଯାଇଥିଲା। ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର ସମୟରେ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଆରଆଇ ମଧ ଉପସ୍ଥିତ ଥିଲେ। ଏହି ଖବର ପ୍ରେରଣ ପୂର୍ବରୁ ସମ୍ପୃକ୍ତ ଚିକିତ୍ସାଧୀନ ଅଜଣା ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।

# ସମ୍ବଲପୁର କେନ୍ଦୁପତ୍ର ବିଭାଗ ନିଜର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ଭାବେ କରିବା ପାଇଁ ବଦ୍ଧ ପରିକର

ସମ୍ବଲପୁର,୩୦/୩(ନିପ୍ର) : କୌଣସି ଦୁର୍ନୀତିକୁ ଆଉ ବରଦାସ୍ତ କରାଯିବ ନାହିଁ। ସର୍ବଶିକ୍ଷା ଅଭିଯାନ ଯୋଜନାରେ ରାଜ୍ୟର ଅନେକ ଉଜୁଡି ପଡିଥିବା ଶିକ୍ଷାନୁଷ୍ଠାନ ଗୁଡିକୁ ସଜାଡ଼ିବା ପାଇଁ କୋଟିକୋଟି ଟଙ୍କା ବିନିଯୋଗ କରାଯାଇଥିବା ଗତ ସ୍ୱଚ୍ଛ ଓ ନିର୍ମଳ ସରକାର ଘୋଷଣା କରିଥିଲେ। ମାତ୍ର ପରବର୍ତୀ ସମୟରେ ଶିକ୍ଷାନୁଷ୍ଠାନଗୁଡିକର ନବୀକରଣ ଆଳରେ କୋଟିକୋଟି ଟଙ୍କା ଠିକାଦାରୀ ଓ କମିଶନ ଆଳରେ ହଡ଼ପ କରାଯାଇଥିବା ନେଇ ଅଭିଯୋଗ ଉଠିବା ପରେ ସର୍ବଶିକ୍ଷା ଅଭିଯାନର ସ୍ୱଚ୍ଛତା ସମ୍ପୂର୍ଣ୍ଣ ଶିକ୍ଷା ବିଭାଗ ତତ୍କାଳୀନ ସରକାରଙ୍କ ପାଇଁ ବୁମେରା ପାଲଟିଥିଲା। ମାତ୍ର ଏବେ ସମ୍ବଲପୁର କେନ୍ଦୁପତ୍ର ବିଭାଗ ନିଜର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ଭାବେ କରିବା ପାଇଁ ବଦ୍ଧ ପରିକର ଥିବା ସ୍ପଷ୍ଟ ହୋଇଛି। ଯାହା ଫଳରେ ଏବେ ଦେଖିବାକୁ ମିଳିଛି କେନ୍ଦୁପତ୍ର ବିଭାଗ ଶ୍ରମିକଙ୍କ ସ୍ଥାନରେ ନିଜର ମୁନସୀ ଓ ଚେକରଙ୍କ ଦ୍ୱାରା ଫଡି ଘର ନିର୍ମାଣ କରୁଥିବା ଭଳି ଦୃଶ୍ୟ। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ରମା କେନ୍ଦୁପତ୍ର ବିଭାଗ ପକ୍ଷରୁ ଶ୍ରମିକଙ୍କ ସ୍ଥାନରେ ମୁନସୀ ଓ ଚେକରଙ୍କୁ ନିଯୋଜିତ କରାଯାଇ ଫଡି ଘର ନିର୍ମାଣ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ବଡ଼ରମା ରେଞ୍ଜ ଅନ୍ତର୍ଗତ ବଞ୍ଜାରୀ ବାହାଲ ଗ୍ରାମରେ ଥିବା ଏକ ଫଡି ଘର ନିର୍ମାଣ କାର୍ଯ୍ୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ଫଡି ଘର ଶ୍ରମିକଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଇ ଥାଏ, ହେଲେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ କରି ଉକ୍ତ ରେଞ୍ଜ ଅଧୀନରେ କାମ କରୁଥିବା ମୁନସୀ ଓ ଚେକର ମାନଙ୍କୁ ନିଯୋଜିତ କରାଯାଇଛି। ଅନ୍ୟ ପକ୍ଷରେ ଏଭଳି କାର୍ଯ୍ୟ କେବଳ ବଡ଼ରମା ରେଞ୍ଜରେ କରାଯାଉଥିବା ବେଳେ ଭୋଜପୁର ରେଞ୍ଜ ରେ ଶ୍ରମିକ ଙ୍କୁ ନିଯୋଜିତ କରାଯାଇଛି। ସେହିପରି କାର୍ଯ୍ୟରେ ନିଯୋଜିତ ଥିବା ମୁନସୀ ଓ ଚେକରଙ୍କୁ ଏଭଳି କାର୍ଯ୍ୟ କାହିଁକି କରୁଛ ବୋଲି ପ୍ରଶ୍ନ କରିବାରୁ ଆମକୁ ଡ଼ିଏଫଓ ଏବଂ ବଡ଼ରମା ରେଞ୍ଜରଙ୍କ ଆଦେଶ କ୍ରମେ ଫରେଷ୍ଟ ଆମକୁ କାମରେ ନିଯୋଜିତ କରିଥିବା କହିଛନ୍ତି। ହେଲେ ବିଭାଗୀୟ ଅଧିକାରୀ କେଉଁ ଉଦେଶ୍ୟ ରେ ଏଭଳି କରୁଛନ୍ତି ତାହା ଏକ ପ୍ରଶ୍ନ। ଶ୍ରମିକ ଙ୍କୁ ନିଯୋଜିତ ନ କରାଯାଇ କାମ ସମ୍ପର୍ଣ କରି ସରକାରି ଟଙ୍କା ହଡଫ ଯୋଜନା କରାଯାଉଛି ବୋଲି ଅନୁମାନ କରାଯାଇ ପାରେ। ଏହି କାର୍ଯ୍ୟରେ ବିଭାଗ ପକ୍ଷରୁ ଉଡ଼ସୁଙ୍ଗ ହେଡ଼ ଚେକର ସନ୍ତୋଷ ନାଏକଙ୍କ ସହିତ ବଞ୍ଜାରିବାହାଲ ଚେକର ଅରୁଣ କୁମାର ନାୟକ, ଉଡ଼ସୁଙ୍ଗ ଚେକର ସରୋଜ ଭୋଇ, ତରଣ୍ଡା ଓ ଚକୁଲିଆ ବାହାଲ ଚେକର ରଞ୍ଜିତ ବାଘଙ୍କୁ ନିଯୋଜିତ କରାଯାଇଥିବା ବେଳେ ବଞ୍ଜାରିବାହାଲ ମୁନସୀ ସୁରେନ୍ଦ୍ର ବରଗଡି, ଚକୁଲିଆ ବାହାଲ ମୁନସୀ ଶତନାରାୟ ଧୁରୁଆ, ବାଲି ଚୁଆଁ ମୁନସୀ ଅମିତ କୁମାର ନାଏକ, ତରଣ୍ଡା ମୁନସୀ ତ୍ରିଲୋଚନ ନାଏକ, ଗଏଲ ମୁଣ୍ଡି ମୁନସୀ ଦୁର୍ଗା ଚରଣ ଲୁହୁରା, ଲେଡି ମହୁଲ ଫଡି ମୁନସୀ ପ୍ରମୋଦ ନାଏକ, ଉଡ଼ସୁଙ୍ଗ ଫଡି ମୁନସୀ ସୁଶୀଲ ଶର୍ମା ଙ୍କ ସହିତ ଡାକ ରନର ପ୍ରଦୀପ ଦାସ ଙ୍କୁ ମଧ ନିଯୋଜିତ କରାଯାଇଛି। ହେଲେ ବିଡମ୍ବନା ର ବିଷୟ ବଡ଼ରମା କେନ୍ଦୁପତ୍ର ରେଞ୍ଜର ଶୁକ୍ରବାର ଦିନ ବଞ୍ଜରୀ ବାହାଲ ଫଡିକୁ ଆସି ୩୧ ତାରିଖ ସୁଦ୍ଧା ସମସ୍ତ ଫଡି ଗୃହ ମରାମତି କାର୍ଯ୍ୟ ସାରିବାକୁ ତାଗିଦ କରିଥିବା ମୁନସୀ ଏବଂ ଚେକର ମାନେ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ମାନି ନିଜମାନଙ୍କୁ ମାରି ଶ୍ରମିକ ଭାବେ ଖଟୁଥିବାରୁ ତାଙ୍କ ଗାଡ଼ିମାକୁ ବହୁତ ଆଘାତ ହେଉଥିବା ମଧ ସେମାନେ ପ୍ରକାଶ କରିଛନ୍ତି। ହେଲେ ସରକାରି କାର୍ଯ୍ୟରେ ଶ୍ରମିକଙ୍କୁ ନିଯୋଜିତ କରା ନଯାଇ କେଉଁ ଉଦ୍ଦେଶ୍ୟ ରେ ଏଭଳି କାର୍ଯ୍ୟ କରାଯାଉଛି ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ନିହାତି ଆବଶ୍ୟକ। ଏ ସମ୍ପର୍କ ରେ ବଡ଼ରମା ରେଞ୍ଜର ଙ୍କ ସହିତ ଯୋଗାଯୋଗ ନ ହୋଇପାରିବାରୁ କୁଚିଣ୍ଡା କେନ୍ଦୁପତ୍ର ଡ଼ିଏଫଓଙ୍କୁ ୮୨୮୦୩୪୨୬୭୬ ନମ୍ବରରେ ଯୋଗାଯୋଗ କରିବାକୁ ବହୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା।

# ଆଗାମୀ ପିଢିକୁ ସ୍ୱଚ୍ଛ ପରିବେଶ ଉତ୍ତରାଧିକାରର ଦେବା ଆମର ନୈତିକ ଦାୟିତ୍ୱ : ରାଷ୍ଟ୍ରପତି

ନୂଆଦିଲ୍ଲୀ,୩୦/୩(ନିପ୍ର) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର କହିଛନ୍ତି ଯେ, ଏହା ଆମର ନୈତିକ ଦାୟିତ୍ୱ ଅଟେ ଯେ, ଆଗାମୀ ପିଢି ପାଇଁ ଆମେ ସ୍ୱଚ୍ଛ ପରିବେଶକୁ ଉତରାଧିକାରରେ ପ୍ରଦାନ କରିବା । ଏଥିପାଇଁ ଆମକୁ ପରିବେଶ ପ୍ରତି ସଚେତ ଓ ସମ୍ବେଦନଶୀଳ ଜୀବନଶୈଳୀ ଆପଣାଇବାକୁ ପଡିବ, ଯଦ୍ୱାରା ପରିବେଶ ନା କେବଳ ସଂରକ୍ଷିତ ହେବ ବରଂ ଏହାର ସଂବର୍ଦ୍ଧନ ବି ହେବ ଏବଂ ପରିବେଶ ଅଧିକ ଜୀବନ୍ତ ହୋଇପାରିବ । ରାଷ୍ଟ୍ରପତି ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପରିବେଶ-୨୦୨୫ ଉପରେ ଆୟୋଜିତ ଦୁଇ ଦିବସୀୟ ଜାତୀୟ ସମ୍ମିଳନୀର ଉଦଘାଟନ କରିବା ପରେ ସଂବୋଧିତ କରିଛନ୍ତି । ସେ କହିଛନ୍ତି ଯେ, ପରିବେଶ ସହିତ ଜଡିତ ସମସ୍ତ ଦିବସ ଏହି ବାର୍ତ୍ତା ଦେଇଥାଏ ଯେ, ଆମେ ଏହାର ଉଦେଶ୍ୟ ଓ କାର୍ଯ୍ୟକ୍ରମକୁ ପ୍ରତିଦିନ ଧ୍ୟାନରେ ରଖିବା ଦରକାର ଏବଂ ଯେତେଦୂର ସମ୍ଭବ ହେବ, ଏହାକୁ ନିଜ ପ୍ରତିଦିନ ଜୀବନର ଅଂଶ ବନାଇବା ଆବଶ୍ୟକ । ସଚେତନତା ଓ ସମସ୍ତଙ୍କ ଭାଗିଦାରୀ ଉପରେ ଆଧାରିତ ସତତ ସକ୍ରିୟତାରେ ପରିବେଶ ସଂରକ୍ଷଣ ଓ ସଂବର୍ଦ୍ଧନ ସମ୍ଭବ ହେବ ।

# ମହାବିଷୁବ ସଂକ୍ରାନ୍ତି ପ୍ରସ୍ତୁତି ନିମନ୍ତେ ପ୍ରଚାର ସମିତି ବୈଠକ

ଭଦ୍ରକ,୩୦/୩(ନିପ୍ର): ମହାବିଷୁବ ସଂକ୍ରାନ୍ତି ଭାରତୀୟ ସଂସ୍କୃତି ଓ ପରମ୍ପରାର ନବବର୍ଷ ଭାବରେ ଗ୍ରହଣ କରାଯାଇଛି। ଏହାକୁ ପଣାସଂକ୍ରାନ୍ତି, ମହବିଷୁଭ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଭାବରେ ପାଳିତ ହୋଇ ଆସୁଛି। ଏହି ଦିବସରେ ଶ୍ରୀ ଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ଓ ଆଧାତ୍ମିକ ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହିସବୁ କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ 'ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି' ଭଦ୍ରକ ପକ୍ଷରୁ ଏକ ବୈଠିକ ଭଦ୍ରକସ୍ଥ ଶ୍ରୀ ବାଲଗୋପାଲ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପ : ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ତା ୧୪.୦୪.୨୦୨୫ରିଖ ତିହିଡି ବ୍ଲକସ୍ଥ ଆରୁହା ଶ୍ରୀ ଜଗନ୍ନାଥ ମନ୍ଦିରରେ ଏହିସବୁ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ମନ୍ଦିର ପକ୍ଷରୁ ସିମାଂଚଳ ମହାପାତ୍ର ଓ ଭାଗୀରଥି ମଲ୍ଲିକ ତଥା ଆରୁହା ଗ୍ରାମ ବାସୀଙ୍କ ସହ ଯୋଗରେ ପାଳିତ ହେବ। ଏହି ଆଲୋଚନା ବୈଠକରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ପୂର୍ବ ବୈଠିକର ବିବରଣୀ, ଆୟ ବ୍ୟୟ ଉପସ୍ଥାପିତ କରିଥିଲେ। ଏହି ଆଲୋଚନାରେ ସମିତିର ସହ ପରିଚାଳକ ସୁଦର୍ଶନ ପଣ୍ଡା, ସହ ଆବାହକ ବାବୁଲା ଦାସ, ବରିଷ୍ଠ ଉପଦେଷ୍ଟା, ସନ୍ତୋଷ କୁମାର ଦାଶ, ସନେଇ ଶିହଳ, କାହ୍ନୁଚରଣ ଦାଶ, କୋଷାଧକ୍ଷ ଲକ୍ଷ୍ମୀଧର ଖଟୁଆ, ହିସାବ ରକ୍ଷକ ପ୍ରଶାନ୍ତ କୁମାର ଦେ, ରାଜେନ୍ଦ୍ର ଅଗସ୍ତି ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କାଞ୍ଜିଆପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ,୩୦/୩(ନିପ୍ର) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରସର ପଂଚାୟତ ଅଧୀନ କାଞ୍ଜିଆପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ସବ୍ୟସାଚୀ ସାହୁଙ୍କ ପୌରୋହିତ୍ୟ ଓ ଶିକ୍ଷକ କୃପାସିନ୍ଧୁ ମହାନ୍ତିଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ସୂର୍ଯ୍ୟଶିଖା ମହାନ୍ତି, ମୁଖ୍ୟବକ୍ତା ଭାବେ ଅନୁଶିକ୍ଷାଧିକାରୀ ଦାମୋଦର ଜେନା, ସମ୍ମାନିତ ଅତିଥି ଭାବେ ସରପଂଚ ଚକ୍ରଧର ଦାସ, ସିଆରସିସି ଲକ୍ଷ୍ମୀକାନ୍ତ ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସଂପାଦକ ରମାକାନ୍ତ ଦାସ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଝରଣା ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମସ୍ତଙ୍କୁ ଏକଜୁଟ କରିବାରେ ଏକ ମାଧ୍ୟମ ହୋଇଥାଏ ବୋଲି କହିଥିଲେ। ଶିକ୍ଷକ ଭରଦ୍ୱାଜ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ସଭାରେ ଶିକ୍ଷକ ବିଶ୍ୱନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସଂଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଲୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

## ଦୁର୍ଭାଗ୍ୟ ଦୂର୍ କରିବ କାକଟସ୍

ବାସ୍ତୁଶାସ୍ତ୍ର ଅନୁସାରେ କାକଟସ ଗଛ ଲଗାଇବା ପରିବାର ପାଇଁ ଖରାପ ହୋଇଥାଏ । ଏହି ଘଛ ଲଗାଇବା ଦ୍ୱାରା ସବୁ କାମରେ ବିଫଳ ହେବା ସହ ନିଜ ଭାଗ୍ୟ ମଧ ଆପଣଙ୍କ ହାତ ଛାଡ଼ି ଦେଇଥାଏ । କିନ୍ତୁ ଯଦି ଆପଣଙ୍କ ଘରଠାରୁ ୫୦ ମିଟର ଦୂରରେ ଦକ୍ଷିଣ ଓ ପର୍ଶ୍ଚିମ ଦିଗରେ ଏହି କାକଟସ ଗଛ ରହିଛି, ତେବେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଏହା ଆପଣଙ୍କ ଭାଗ୍ୟକୁ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୁଏ । ପଦୋନ୍ନତିରେ ଅସୁବିଧା ହେଉଥିଲେ:- ଘରର ଦକ୍ଷିଣ-ପର୍ଶ୍ଚିମ ଦିଗରେ











ଥିବା କାକଟସ ଗଛରେ ପ୍ରତିଦିନ କ୍ଷୀର ଓ ପାଣି ଢ଼ାଳିବା ଦ୍ୱାରା ଆପଣଙ୍କ ପଦୋନ୍ନତିର ଉପୁଜୁଥିବା ଅସୁବିଧା ସମାପ୍ତ ହୋଇଥାଏ ।

ଟେନସନ ଦୂର କରେ :- ରାତିରେ ଶୋଇବା ପୂର୍ବରୁ ଏକ ତମ୍ବା ପାତ୍ରରେ ପାଣି ରଖି ତାକୁ ସକାଳେ ଉଠିବା ପରେ କାହାସହ କଥା ନ ହୋଇ ସେହି ପାଣିକୁ ନେଇ କାକଟସ ଗଛରେ ଢ଼ାଳି ଦିଅନ୍ତୁ । ଏହାଦ୍ୱାରା ଆପଣ ଦୁର୍ଭାଗ୍ୟ ଦୂର ହୋଇଥାଏ ।



## ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ବିଶେଷ ଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧି କରିହେବ । ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । ଏପରି ଏକ କୌତୂହଳପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି । 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।



## ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

## ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?



ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ । ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖାଦେଇପାରେ । ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ ସେତିକି ଜରୁରୀ ହୋଇଥାଏ । ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ । ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ ।

ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ: ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ । କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ । ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ ।ଞ ବ୍ୟାୟାମରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର । ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ । ଶୋଇବାଠାରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଶୋଇବାର ଇଛା ଏକ ସାଧାରଣ କଥା । ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ । ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ ।ଞ ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ: ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ । ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ । ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।ଞ ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ: ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ । କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।

## ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍ପାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ ଷ୍ଟିଚ ଦରକାର ହୁଏନି । ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର





୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ ପଡ଼େ ଏବଂ ସାତଦିନ ମଧରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟୁକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁଟ୍‌ଡ୍ରପ୍ ବୋଲି କହଂନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଳାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ ସଫା କରିହୁଏ । ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ ।

## ପ୍ରତିଦିନ ପିଅନ୍ତୁ ଧନିଆ ପାଣି: ଓଜନ ହ୍ରାସ ସହ କମିବ ଥାଇରଏଡ୍



ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା କେବଳ ଥାଇରଏଡ୍ ଲକ୍ଷଣ କମ୍ ହୁଏ ନାହିଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟର ସନ୍ତୁଳନ ମଧ ଠିକ୍ ରହିଥାଏ । ଧନିଆ ପାଣି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲସ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ ।

କେଶ ପାଇଁ ମଧ ଏହା ଉତ୍କୃଷ୍ଟ । ଏଥିରେ ଭିଟାମିନ୍ କେ, ସି ଏବଂ ଏ ଭରପୂର ମାତ୍ରାରେ ରହିଥାଏ । ଏହି ଭିଟାମିନ୍ କେଶକୁ ମଜଭୁତ କରିବା ସହ ବୃଦ୍ଧି କରିବାରେ ମଧ ସାହାଯ୍ୟ କରିଥାଏ । ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ କେଶ ଝଡିବା ଏବଂ ଛିଡିବା ଭଳି ସମସ୍ୟା କମ ହୋଇଥାଏ ।

ଥାଇରଏଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଏହା ରାମବାଣ ସଦୃଶ କାମ କରିଥାଏ ବୋଲି କୁହାଯାଏ । ରିପୋର୍ଟ ଅନୁଯାୟୀ ଥାଇରଏଡ୍ ରୋଗୀଙ୍କ ପାଇଁ ଧନିଆ ଜଳ ବେଶ୍ ଲାଭଦାୟକ ହୋଇଥାଏ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ଧନିଆରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ହ୍ରାସ କରିଥାଏ ଯାହା ଶରୀରର ଓଜନ ହ୍ରାସ କରିବାରେ ମଧ ସହାୟକ ହୋଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ୫ ମିନିଟ୍ ଫୁଟାନ୍ତୁ । ପାଣି ଅଧା ହେବା ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ । ତା'ପରେ ଏହାକୁ ଛାଣି ପିଅନ୍ତୁ । ସାଧାରଣତଃ ଗର୍ଭବତୀ ମହିଳାମାନେ ଏହି ପାଣିକୁ କମ୍ ପିଇବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାବଧାନ ହେବାର ସମୟ...

ଶରୀର ରହିଲେ ବ୍ୟାଧି ରହିବ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ। ବ୍ୟାଧିରୁ ଦୂରେଇ ରହିବା ଏବଂ ଏହାର ନିବାରଣ କରିବା ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟା ବୃଦ୍ଧି ସହିତ ବ୍ୟାପକ ସହରାୟନ ତଥା ଜୀବନଶୈଳୀରେ ପରିବର୍ତ୍ତନ ଫଳରେ ନୂଆ ନୂଆ ରୋଗ ସୃଷ୍ଟି ହେଉଛି ଏବଂ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଜଳବାୟୁ ପରିବର୍ତ୍ତନ, ଆଧୁନିକ ସମାଜର ସାମାଜିକ ଆର୍ଥିକ ଚାପ, ନିଃସଙ୍ଗତା, ବ୍ୟସ୍ତବହୁଳତା, ସୁଷମ ଖାଦ୍ୟର ଅଭାବ ସବୁ ବିକଶିତ ଓ ବିକାଶଶୀଳ ସମାଜ ପାଇଁ ନୂଆ ବ୍ୟାଧି ଏବଂ ସ୍ୱାସ୍ଥ୍ୟଗତ ଆହ୍ୱାନ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଜ୍ଞାନର ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ ଏହି ବର୍ଗର ବ୍ୟାଧିର ଜଟିଳତା ଓ ବ୍ୟାପକତା ସବୁ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବଜେଟ, ଡାକ୍ତର, ଚିକିତ୍ସା କେନ୍ଦ୍ର, ଭେଷଜ ଓ ସେବା ଆଦିର ବୃଦ୍ଧି ଘଟିଛି ସତ, ତଥାପି ଅନେକ ଦେଶ ଓ ସମାଜ ଏବେ ମଧ୍ୟ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରାରମ୍ଭିକ ସ୍ତରରେ ରହିଛନ୍ତି। ଭାରତ ଓ ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡ଼ି ନାହାନ୍ତି। ତେଣୁ ସରକାର ଲୋକଙ୍କୁ ସୁସ୍ଥ ଓ ନିରୋଗ ରଖିବାକୁ ନାନାବିଧ ରଣନୀତି ପ୍ରୟୋଗ କରୁଛନ୍ତି। ଭାରତ ତ ଏବେ ବିଶ୍ୱର ଡାଇବେଟିସ ରାଜଧାନୀରେ ପରିଣତ ହୋଇସାରିଛି।

ଏଭଳି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ଯେଉଁ ରିପୋର୍ଟ ପ୍ରକାଶ କରିଛି, ତାହା ଭାରତ ଭଳି ଦେଶଙ୍କ ଚିନ୍ତା ଓ ଦାୟିତ୍ୱ ବଢ଼ାଇବା ସ୍ୱାଭାବିକ। ଏହି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ଅର୍ଥାତ୍ ଆଉ ପ୍ରାୟ ସାତବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୫୦ କୋଟି ଲୋକ ହୃଦରୋଗ ଓ ମଧୁମେହରେ ଆକ୍ରାନ୍ତ ହୋଇସାରିଥିବେ। ୨୦୨୦ରୁ ଏହି ଅଣସଂକ୍ରାମକ ବ୍ୟାଧିଗୁଡ଼ିକର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଧୁନିକ ଯୁଗର ସବୁଠୁ ବଡ଼ ମାରାତ୍ମକ ବ୍ୟାଧି ହେଲା ଉଚ୍ଚ ରକ୍ତଚାପ। ପ୍ରବଳ ମାନସିକ ଚାପ ଓ ବ୍ୟଗ୍ରତା କେବଳ ରକ୍ତଚାପ ବଢ଼ାଏ ନାହିଁ, ଏହା ମାନସିକ ଅବସାଦ, ହୃଦରୋଗ, ମଧୁମେହ, ହୃଦଘାତ, କ୍ୟାନସର ଓ ଆହୁରି ଅନେକ ରୋଗକୁ ଡ଼ାକିଆଣେ। ମଣିଷ ତ ଚିନ୍ତାମୁକ୍ତ ହୋଇ ରହିବା ସହଜ ନୁହେଁ। ତେଣୁ ଏଭଳି ଅଣସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ। ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ନ ବ୍ୟାପିଲେ ମଧ୍ୟ ଆପଣା ଛାଏଁ ଚାପ ଓ ଉତେଜନାରୁ ଲୋକଙ୍କ ମଧ୍ୟରେ ସୃଷ୍ଟି ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ରିପୋର୍ଟରେ ଯଥାର୍ଥରେ କୁହାଯାଇଛି ଯେ ଶାରୀରିକ ବ୍ୟାୟାମର ଅଭାବ ଏହି ଅଣସଂକ୍ରାମକ ରୋଗବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ। ତେଣୁ ଲୋକଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାକୁ ଅଧିକରୁ ଅଧିକ ଶାରୀରିକ ଶ୍ରମ, ବ୍ୟାୟାମ ଆଦି କରିବାକୁ ପଡ଼ିବ। ଏଥିପାଇଁ ଖର୍ଚ୍ଚ ପ୍ରାୟ କିଛି ପଡ଼େ ନାହିଁ କହିଲେ ଚଳେ। ଏହା କିନ୍ତୁ ଏସବୁ ବ୍ୟାଧି ପାଇଁ ସବୁଠୁ ବଡ଼ ଔଷଧ। ଅଣସଂକ୍ରାମକ ରୋଗ ବୃଦ୍ଧି ଫଳରେ ବିଭିନ୍ନ ଦେଶର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିବାକୁ ବାଧ୍ୟ ହେବେ ଏବଂ ତା ଫଳରେ ସେମାନଙ୍କ ବିକାଶ ବାବଦ ବ୍ୟୟ ଅଟକଳ ବଢ଼ିବା ସ୍ୱାଭାବିକ। ସଂଗଠନର ହିସାବ ଅନୁସାରେ ଏହିସବୁ ବ୍ୟାଧିର ଚିକିତ୍ସା ପାଇଁ ଦେଶ ଗୁଡ଼ିକୁ ବାର୍ଷିକ ୨୨ ଟ୍ରିଲିଅନ ଟଙ୍କା ଖର୍ଚ୍ଚ କରିବାକୁ ହେବ।

ଭାରତ ଭଳି ଜନବହୁଳ ଦେଶରେ ବୟସ୍କଙ୍କ ସଂଖ୍ୟା ମଧ୍ୟ ଆନୁପାତିକ ଭାବେ ବଢ଼ୁଛି। ସେମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ମଧ ଗୁରୁତ୍ୱ ଦେବାକୁ ପଡ଼ିବ। ଚିନ୍ତାର ବିଷୟ ହେଲା ଯୁବ ବର୍ଗଙ୍କ ମଧ୍ୟରେ ଏବେ ମଧୁମେହ ଟାଇପ-୨, ରକ୍ତଚାପ, ହୃଦରୋଗ, କ୍ୟାନସର, ହାଇପରଟେନସନ ଆଦି ରୋଗ ଅଧିକ ଦେଖାଦେଉଛି। ଏହାର ମୂଳ କାରଣ ହେଲା ସୁଷମ ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଶାରୀରିକ ବ୍ୟାୟାମ ଓ କସରତର ଅଭାବ। ଜୀବନ ତ ସର୍ବଦା ସଂଘର୍ଷମୟ ଏବଂ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ତା ସତ୍ତ୍ୱେ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ନିଜକୁ ସୁସ୍ଥ ରଖିବାକୁ ଶାରୀରିକ କାର୍ଯ୍ୟ ଓ ବ୍ୟାୟାମ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସର୍ବୋପରି ଜୀବନରେ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରି ମାନସିକ ଭାରସାମ୍ୟ ବଜାୟ ରଖିବାକୁ ପଡ଼ିବ। ଭାରତ ସମେତ ଅନେକ ଦେଶ ନିଜର ନାଗରିକଙ୍କ ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତରେ ପ୍ରାଚୀନ ପରମ୍ପରା ଅନୁସାରେ ଯୋଗ, ପ୍ରାଣାୟମ, ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ ଆଦିକୁ ପ୍ରୋତ୍ସାହିତ କରାଯାଉଛି। ଖାଦ୍ୟପେୟରେ ସଂଯମକୁ ଗୁରୁତ୍ୱ ଦିଆଯାଉଛି ଏବଂ ଏଥିପାଇଁ ସଚେତନତା ସୃଷ୍ଟି ସବୁସ୍ତରରେ ଚାଲିଛି। ଭାରତ ମଧ୍ୟ ଏକ ଶାରୀରିକ କାର୍ଯ୍ୟକ୍ରମ ନୀତି ପ୍ରଣୟନ କରିଛି। ତେବେ ବିଶ୍ୱର ଅର୍ଦ୍ଧାଧିକ ଦେଶରେ ଏଭଳି କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ନାହିଁ। ତଥାପି ଭାରତ ପାଇଁ ଚିନ୍ତାର ବିଷୟ ହେଉଛି, ଆମର ଅଧିକାଂଶ ଲୋକ, ବିଶେଷକରି ନଗରବାସୀ ଓ ବୟସ୍କ ଶାରୀରିକ ଶ୍ରମ ଏବଂ ବ୍ୟାୟାମ ଠାରୁ ଦୂରେଇ ରହୁଛନ୍ତି। ସରକାର ସବୁକଥା କରିପାରିବେ ନାହିଁ। ନିଜକୁ ସକ୍ଷମ ଓ ସୁସ୍ଥ ରଖିବାର ମୂଳ ଦାୟିତ୍ୱ ଜନସାଧାରଣଙ୍କର। ଜିହ୍ୱା ଲାଳସାରେ ପ୍ରଚୁର ସୁଆଦିଆ, ତେଲ ମସଲା ଓ ମିଠା ଭୋଜନ ଅତ୍ୟନ୍ତ ବିପଜ୍ଜନକ। ଏହାକୁ ହଜମ କରିବାକୁ ଶାରୀରିକ ଶ୍ରମ ଓ ପାଚନ ପ୍ରକ୍ରିୟାର ସୁସ୍ଥତା ଲୋଡ଼ା। ଏବେ ଏପରି ସମୟ ଆସିଛି, ଆମକୁ ଖାଇବା ପାଇଁ ବଂଚିବାକୁ ହେବନାହିଁ ବରଂ ସୁସ୍ଥରେ ବଂଚିବା ପାଇଁ ଭାବିଚିନ୍ତି ଖାଇବାକୁ ପଡ଼ିବ। ଆମ ଭିତରେ ଏହି ସଚେତନତା ଆସିଲେ ଏହା ଜନସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। କଥାରେ ଅଛି ନିଜ ସ୍ୱାସ୍ଥ୍ୟ ନିଜ ହାତରେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉଭୟ ବ୍ୟକ୍ତି ଓ ଜାତୀୟ କ୍ଷେତ୍ରରେ।

# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ



### ଡାକ୍ତର ଶୁଭଶ୍ରୀ ମିଶ୍ର

ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟଲ ଫଟଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତିତଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ।

ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବା ବେଳେ ୧୨ ବା ତତୋଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮।

ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିତକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ।

କେବଳ କ୍ଷୁଦ୍ର ଦେଶମାନେ ଯେ ହ୍ରାସମାନ ଟିଏଫଆର ଜନିତ ଏଭଳି ସଙ୍କଟରେ ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ଚୀନ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ ଏହି ଆତଙ୍କର ତାତି ଅନୁଭବ କରିବା ଦେଖାଗଲାଣି। ସେ ଦେଶ ଅତୀତରେ କଡ଼ାକଡ଼ି ଭାବରେ ଅନୁସରଣ କରିଥିବା ଏକ ସନ୍ତାନ ନୀତିର ଫଳସ୍ୱରୂପ ବର୍ତ୍ତମାନ ସେଠାରେ ଏଇଭଳି ପରିସ୍ଥିତି ଉପୁଜିବାକୁ ଆରମ୍ଭ କରିବାରୁ ସେଠାକାର ସରକାର ବର୍ତ୍ତମାନ ଏକାଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିଲେ ହେଁ ସେମାନେ ସେଥିପାଇଁ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରିଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟିଏଫଆରରେ ଏଭଳି ସ୍ଖଳନ ଘଟିବା ଦେଖାଯାଇଛି। କିନ୍ତୁ ଆହୁରି କେତେ ବର୍ଷ ଧରି ଦେଶର ଜନସଂଖ୍ୟାରେ ବୃଦ୍ଧି ଘଟି ଚାଲିବା ପରେ ଯାଇ, ମୋଟ ଜନସଂଖ୍ୟା ୧୬୭ କୋଟି ଛୁଇଁଥିବ। ସୌଭାଗ୍ୟକ୍ରମେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ି ହେଉଛି ପୃଥିବୀର ବିଶାଳତମ, ଯାହାକୁ ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ ରୂପେ ବିଚାର କରାଯାଉଛି। ତେଣୁ ବର୍ତ୍ତମାନ ପାଇଁ ଏକ ନିମ୍ନଗାମୀ ଟିଏଫଆରମ ଆମ ପାଇଁ ଏକ ସମସ୍ୟା ରୂପେ ଆବିର୍ଭୂତ ହୋଇନାହିଁ। କିନ୍ତୁ ଯଦି ଦୀର୍ଘକାଳ ଧରି ଏହି ଧାରା ଅବ୍ୟାହତ ରହେ ତେବେ ଦୂର ଭବିଷ୍ୟତରେ ଏକ ସମୟ ଆସିବ, ଯେତେବେଳେ ଆମକୁ ଆଜିର ଦକ୍ଷିଣ କୋରିଆ ବା ଜାପାନ ଭଳି ପରିବାର ନିୟୋଜନ ପରିବର୍ତ୍ତେ ଏକ ପରିବାର ସମ୍ପ୍ରସାରଣ ଅଭିଯାନ ଆରମ୍ଭ କରିବାକୁ ପଡ଼ିପାରେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ : ୯୮୬୧୪୬୩୪୦୬

> ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

# ନେପାଳ ଛାତ୍ରୀଙ୍କ ମୃତ୍ୟୁ ପାଇଁ କିଟ୍ ଦାୟୀ !



### ସୁବ୍ରତ କର

ଆମ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ୩ ଜଣିଆ କମିଟର କିଛି ମତାମତ ଆସିବା ପୂର୍ବରୁ ଜାତୀୟ ମାନବ ଅଧିକାର ତରଫରୁ ଆସିଥିବା ଅନୁସନ୍ଧାନ ଦଳର ମତାମତ ଆସିଗଲା । ସେଥିରେ ମାନବାଧିକାରୀ ଆୟୋଗ ନେପାଳ ଛାତ୍ରୀଙ୍କ ମୃତ୍ୟୁ ପାଇଁ କିଟ୍‌ର ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ଦାୟୀ କରିଲା । ଆମ ରାଜ୍ୟର ୩ ଜଣ ବରିଷ୍ଠ ଅଧିକାରୀଙ୍କ ରିପୋର୍ଟ ଗଲା କୁଆଡ଼େ ? ସରକାର ଚାପିଦେଲେ କି ? ଏମିତି ଆଉଥରେ ରାଜ୍ୟର ଅତି ବଡ଼ କ୍ଷମତାବାନ ଲୋକଙ୍କ ପୁଅର ଦୋଷକୁ ଏ ପର୍ଯ୍ୟନ୍ତ ଚାପି ଦେଇଛନ୍ତି ଏବଂ ଏବେ ଏହାକୁ ଓଡ଼ିଶାବାସୀ ଭୁଲିଗଲେଣି । ସଦାବେଳେ ଆମେ ଦେଖିଛୁ ବଡ଼ ବଡ଼ କ୍ଷମତାରେ ଥିବା ଲୋକମାନେ ଭୁଲ କରିଲେ ସରକାରଙ୍କ ସାହାଯ୍ୟ ତାଙ୍କ ପାଖରେ ଆପେ ଆପେ ଆସିଥାଏ । ଏବେ ସମସ୍ତଙ୍କ ମନରେ ଗୋଟାଏ ପ୍ରଶ୍ନ ଯଦି ଦିଲ୍ଲୀରୁ ଆସିଥିବା ଜାତୀୟ ମାନବଅଧିକାରୀ ଦଳ ଖୋଲାଖୋଲି କିଟ୍‌କୁ ଦାୟୀ କରିଲା ପରେ ଆମ ସରକାରଙ୍କ ୩ ଜଣିଆ ସଭ୍ୟ ଆଉ କେତେ ସମୟ ନେବେ ତାଙ୍କର ମତାମତ ଦେବା ପାଇଁ ? ଏହାଛଡ଼ା ଏବେ ସେମାନଙ୍କର ମତାମତର ମୂଲ୍ୟ ଆଉ କିଛି ରହିବ ନାହିଁ । ଏବେ ଆସିବା କେଉଁ କେଉଁ କ୍ଷେତ୍ରରେ କିଟ୍ ସରକାରଙ୍କଠାରୁ ଲାଭବାନ ହୋଇପାରିଛି ଏବଂ ମାନବ ଅଧିକାରୀଙ୍କ ଠାରୁ ସରକାରଙ୍କୁ କେଉଁ କେଉଁ ନିର୍ଦ୍ଦେଶ ପାଳନ କରିବା ପାଇଁ ଚିଠି ଆସିଛି । ସେଗୁଡ଼ିକ ହେଲା ୪ ସପ୍ତାହ ମଧ୍ୟରେ ଏଟିଆର ଦାଖଲ କରିବେ, ପୋଲି ତଦନ୍ତର ଅପ୍ରଗତି ତଥ୍ୟ ପୁଲିସ କମିସନର ଦେବେ, ଶିଶୁ କଲ୍ୟାଣ କମିଟିର ରିପୋର୍ଟ କାର୍ଯ୍ୟକାରିତା ଉପରେ ଏବଂ ଶେଷଟି ହେଉଛି ନିର୍ଦ୍ଦେଶାବଳୀ ଉଲ୍ଲଂଘନ କାର୍ଯ୍ୟାନୁଷ୍ଠାନ ରିର୍ପୋଟ ୟୁଜିସି ଏଏନ୍‌ଏସିକୁ ଦେବାପାଇଁ ନିର୍ଦ୍ଦେଶ। ମାନବାଧିକାର ଆୟୋଗ କାହାକୁ ଛାଡ଼ି ନାହାନ୍ତି । ନେପାଳ ଛାତ୍ରୀଙ୍କ ମୃତ୍ୟୁ କିଟ୍‌ର ସବୁ ପ୍ରକାର ଗଲ୍‌ତିକୁ ପଦାରେ ପକାଇ ଦେଲା । କିଟ୍‌କୁ ଚଳାଉଥିବା ଏବଂ ଗୁଡ଼ାଏ ପିଏଚ୍‌ଡି ଡିଗ୍ରୀରେ ସୂଚିତ ହୋଇଥିବା ଭଦ୍ରଲୋକ କଣ କରିବେ ? ଏପଟ ସେପଟ କରି ବହୁତ ଦିନ ଚଳେଇ ଦେଲେ କିନ୍ତୁ ଏବେ ଆଉ କଥା ଲୁଚି ପାରିଲା ନାହିଁ । ଏତେ ସୁନାମ ଅର୍ଜନ କରିଥିବା ଭଦ୍ର ଲୋକଟି ବଡ ବଦନାମ ମୁଣ୍ଡ ଉପରେ ଥୋଇଦେଲା । ଏବେ ପୃଥିବୀ ପ୍ରସିଦ୍ଧ ଅନୁଷ୍ଠାନ, ବିଶେଷ ବିଶେଷ ବ୍ୟକ୍ତିଙ୍କ ନିଯୁକ୍ତି ହଜାର ହଜାର ପିଲାଙ୍କ ଭବିଷ୍ୟତ, ଏତେ ସବୁ ଇନଫ୍ରାଷ୍ଟକଚର ଭବିଷ୍ୟତ କଣ ହେବ ? ସବୁ କିଛି ଅନ୍ଧାରକୁ ଟଣା ହୋଇଗଲା । ଏହି ଅନ୍ଧାରରୁ ପୁଣି କିଟ୍‌କୁ ଆଲୋକକୁ ଆଣି ପାରିବେ କି ତାଙ୍କର ମୂଳ ଲୋକ ? ପୂର୍ବରୁ କିଟ୍‌ରୁ ପିଲା ପାଠପଢ଼ି ବାହାରିଲା ବେଳେ ଗର୍ବ ଅନୁଭବ କରୁଥିଲେ ଏବଂ ତାଙ୍କ ପାଇଁ ବହୁତ ସ୍ଥାନରେ ଚାକିରୀ ମିଳିବାରେ ଅସୁବିଧା ହେଉ ନଥିଲା । ଏହି ଘଟଣା ପରେ କିଟ୍ କଣ ତାର ହୃତ ଗୌରବକୁ ଫେରି ପାଇବ ? ଏହାର ଉତ୍ତର ଭବିଷ୍ୟତ ଦେବ । ତେବେ ଏହି ଘଟଣା ଖାଲି କିଟ୍‌ର ଆଖି ଫିଟାଇ ଦେଇନାହିଁ ଏହା ରାଜ୍ୟରେ ଥିବା ଯେତେ ବିଶ୍ୱ ବିଦ୍ୟାଳୟ (ସରକାରୀ ଏବଂ ବେସରକାରୀ) ସେମାନଙ୍କ ପାଇଁ ଏକ ସତର୍କ ବାଣୀ ଭଳି କାର୍ଯ୍ର କରିବ । ସେମାନେ ମଧ ଏବେଠୁ ସାବଧାନ ଏବଂ ଯତ୍ନବାନ ହେବା ପାଇଁ ଚେଷ୍ଟା କରିବା ଉଚିତ ଏବଂ ସରକାରଙ୍କ କାମ ହେବ ପ୍ରତି ବିଶ୍ୱବିଦ୍ୟାଳୟରେ ଜଣେ ଲେକାଏ ମହିଳା ମନୋବିଜ୍ଞାନୀ (ପ୍ରଫେସର)ଙ୍କୁ ଦାୟିତ୍ୱ ଦେବା ଦରକାର ଏବଂ ସେମାନେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଥିବା ସବୁ ମହିଳା ହଷ୍ଟେଲକୁ ଯାଇ ବୁଲିବେ ଏବଂ ପିଲାଙ୍କ ସହିତ କଥାହେବେ ଏବଂ ତାଙ୍କର କଥା ବୁଝି ସପ୍ତାହରେ ଥରେ କୂଳପତିଙ୍କୁ ଜଣାଇଲେ କିଛି ପରିମାଣରେ ସମସ୍ୟାର ସମାଧାନ ହୋଇପାରେ ।

> ସମସ୍ତଙ୍କ ମନରେ ଗୋଟାଏ ପ୍ରଶ୍ନ ଯଦି ଦିଲ୍ଲୀରୁ ଆସିଥିବା ଜାତୀୟ ମାନବଅଧିକାରୀ ଦଳ ଖୋଲାଖୋଲି କିଟ୍‌କୁ ଦାୟୀ କରିଲା ପରେ ଆମ ସରକାରଙ୍କ ୩ ଜଣିଆ ସଭ୍ୟ ଆଉ କେତେ ସମୟ ନେବେ ତାଙ୍କର ମତାମତ ଦେବା ପାଇଁ ? ଏହାଛଡ଼ା ଏବେ ସେମାନଙ୍କର ମତାମତର ମୂଲ୍ୟ ଆଉ କିଛି ରହିବ କି ?




## କେତେ ଭଲପାଏ

### ଦୀପକ କୁମାର ନାୟକ



ଜାଣିବାକୁ ତୁମେ ଚାହୁଁଛ ନା ପ୍ରିୟା
କେତେ ଭଲପାଏ ତୁମକୁ
ତେବେ ଶୁଣ ପ୍ରିୟା ମନ ଧ୍ୟାନ ଦେଇ
ମୋ ମନର କଥା ଗୁଡ଼ିକୁ ।।
ଗଛଟି ଯେତିକି ମନ ପ୍ରାଣ ଦେଇ
ଭଲପାଏ ତାର ଫଳକୁ
ଜହ୍ନଟି ଯେତିକି ହୃଦୟରୁ ତାର
ଭଲପାଇଥାଏ ତାରାକୁ ।।
ବରଷା ଯେତିକି ସ୍ନେହ ଓ ଶ୍ରଦ୍ଧାରେ
ଭଲପାଉଥାଏ ମାଟିକୁ
କାଗଜ ଯେମିତି ଅନ୍ତରୁ ତାହାର
ଭଲପାଇଥାଏ କଲମକୁ ।।
ଏ ଆଖି ଯେମିତି ନିଃସ୍ୱାର୍ଥପରରେ
ଭଲପାଏ ଆର ଆଖିକୁ
ମୁଁ ମଧ ସେତିକି ଭଲପାଉଅଛି
ହୃଦୟରୁ ପ୍ରିୟା ତୁମକୁ
ହୃଦୟରୁ ପ୍ରିୟା ତୁମକୁ ।।

+ ଗଣ୍ଡାନାଳୀ,
ହିନ୍ଦୋଳ,ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## ମୁଁ

### ନୀଳମଣି ଚାନ୍ଦ



ମୁଁ ଭିତରେ ଲୁଚିଥାଏ ଅହଂକାର
ମୁଁ ମୁଁ ଘୋଷି ହେଉଥାଏ ବାରବାର।

ରାଜସିକ ଗୁଣରୁ ଯା ଜନ୍ମ
ନଥାଏ ସାତ୍ତ୍ୱିକ ଗୁଣ ଧର୍ମ
ତାମସିକ ସାଥେ ଥାଏ ସମ୍ବନ୍ଧଟି ତା'ର।

ମୁଁ ଓହ୍ଲାଏନି ମୋ'ର ଶାଖାକୁ
ପିନ୍ଧେନାହିଁ ଜ୍ଞାନର ଦ୍ରାକ୍ଷାକୁ
ମୁଁ ଟାଣେ ବଡ଼ପଣ, ବଡ଼ିମାର ଗାର।

ମୁଁ କୁ କରିଦିଅ ବିସର୍ଜନ
ବିଦେଶୀ ବସ୍ତୁ ଭାବି ବର୍ଜନ
ମୁଁ ନ ହେଉ କେବେ ଆମ
ଗଳାହାର।

+ ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ହେ ବସନ୍ତ

### ଜଗଜ୍ୟୋତି ମହାନ୍ତି

ହେ ବସନ୍ତ
ତୁମ ସମ୍ଭାବ୍ୟ ଆଗମନେ
ମୃଦୁ ମଳୟର ମଧୁର ସ୍ପର୍ଶ
ଭାଙ୍ଗିଯାଏ ଧରାର ନୀରବତା

ଆସନ୍ନ ରୌଦ୍ରର ରୁଦ୍ର ମୁଖମଣ୍ଡଳେ
ତୁମେ ଦେଖିପାର ଆଷାଢ଼ର
ଆର୍ଦ୍ରତା....
ବିଦାୟୀ ଶୀତର ଗଭୀର ଆଲିଙ୍ଗନେ
ଯେବେ ହୁଅ ତୁମେ ଗର୍ଭବତୀ
ଶୁଷ୍କ ତରୁ ହୁଏ ନବ ପଲ୍ଲବିତ
ଯୁଇ ହେନା ମଲ୍ଲୀ ଓ ମାଳତୀ
ଖୁସିରେ ହୁଅନ୍ତି ପ୍ରସ୍ଫୁଟିତ....
କୋଇଲି ହଳଦୀବସନ୍ତି ଓ ମଧୁପର
ମଧୁର ଶବ୍ଦରେ ଏ ସୃଷ୍ଟି ହୁଏ
ଉଲ୍ଲସିତ...


ବିନା ଅଭିମାନେ ପ୍ରତିବର୍ଷ ତୁମେ
ଅସିଥାଅ
ପ୍ରେମ ଶ୍ରଦ୍ଧା ଓ ସମ୍ଭାବନାର ମିଠା
କମ୍ପନେ
ମୋ ଜଡ଼ତା ଓ ସ୍ଥିତିବଦ୍ଧ ମନକୁ
ବାରମ୍ବାର ହଲଚଲ କରିବାକୁ
ଚେଷ୍ଟାକର
ମୋ ଚତୁର୍ପାଶ୍ୱରେ ଦେଉଥାଅ ଅଜାଡ଼ି
ନୂତନ ଆଶା ଓ ସ୍ୱପ୍ନର ମିଠା ମହକ
ପ୍ରତିଶ୍ରୁତି ଓ ପ୍ରତୀକ୍ଷାର ବ୍ୟାକୁଳ
ଚକ୍ଷୁରେ
ମୋତେ କରୁଥାଅ ସ୍ୱୀକାର...
ମୁଁ ବୁଝେ କିମ୍ବା ନବୁଝେ କହୁଥାଅ
ମୋତେ
'ହେ ବନ୍ଧୁ.. ମୁଁ ବସନ୍ତି ଏ ଦିବ୍ୟ
ଉଦୟର ଉତ୍ସବେ
ତୁମ ସହମତି ସହଯୋଗ ଓ ଉପସ୍ଥିତି
ନିଶ୍ଚିତ ଦରକାର

ଖରସୁଆଁ, ଭୋଗରାଇ
ବାଲେଶ୍ୱର

# ସଂପର୍କ

## ଶ୍ରୀନିବାସ ସେଠୀ





ବର୍ଷେ ହେବ ଗୋଟିଏ ଅଜଣା ମୋବାଇଲରୁ ସକାଳର ଶୁଭେଚ୍ଛା ଆସୁଛି । ମୋତେ ଏଇ ଚିତ୍ରବାଲା ସକାଳର ଶୁଭେଚ୍ଛା ବିରକ୍ତି ଲାଗେ ।

'ଆରେ ! ଶୁଭେଚ୍ଛା ବାର୍ତ୍ତା ପଠାଇବାର ଅଛି ତ ନିଜ ହାତରେ କିଛି ଟାଇପ୍ କରି ଟେକ୍ସଟ୍ ମେସେଜ ପଠାଅ । ଏଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସିର ଫୁଲ ଫଳ ଫୁଲଦାନି, ଦେବାଦେବୀ ମୂର୍ତ୍ତି ଖୁବ ଆର୍ଟିଫିସିଆଲ ଲାଗେ । ମୋବାଇଲର ମେମୋରୀ ଭରିଯାଏ । ମୋବାଇଲ ଜାମ ହୋଇଯାଏ ।'

ତେଣୁ ମୁଁ ମୋବାଇଲରେ ସେଟିଂ କରି ରଖିଛି । କେହି ପଠାଇଲେ ସିଧା ଡାଉନଲୋଡ ହୁଏନାହିଁ, ମୁଁ ଡାଉନଲୋଡ୍ କଲେ ଯାଇକି ହଏ । ଏଇ ଅଜଣା ନମ୍ବରରୁ ଶୁଭେଚ୍ଛା ବାର୍ତ୍ତା ସବୁ ଦିନ ମୁଁ ଡିଲିଟ କରିଦିଏ । କିଛି ମେସେଜ ମୁଁ ବି ପଠାଏନି ପ୍ରତ୍ୟୁତ୍ତରରେ ।

ତା ଡିପିରେ ଫୋଟ ଦେଖେ । ଚାଳିଶ ବର୍ଷ ପାଖାପାଖି ପୁରୁଷ ମଣିଷ, ହସ ହସ ମୁହଁ, ତା ପାଖରେ ଷୋହଳ ବର୍ଷର ଝିଅ ଓ ଜଣେ ପଇଁତ୍ରିଶ ପାଖାପାଖି ସ୍ତ୍ରୀ ଲୋକଟିଏ ଥାଏ । ହୁଏତ ଏଇଟା ତାର ସମୁଦାୟ ସଂସାର । ସମସ୍ତଙ୍କ ମୁହଁରୁ ଜଣା ପଡେ ତାଙ୍କର ଖୁସିର ସଂସାର ।

ସକାଳର ଶୁଭେଚ୍ଛା ବାର୍ତ୍ତା ଦେଖି ମୁଁ ଉତ୍ତର ଫେରାଏନି କେବେ ବି । ଭବେ ହୁଏତ ଉତ୍ତର ନଦେଲେ ଆପେ ଆପେ ଏସବୁ ପଠାଇବା ବନ୍ଦ କରିଦେବ । ତଥାପି ସେ ମୋବାଇଲରୁ ଶୁଭେଚ୍ଛା ବନ୍ଦ ରହେନି । ବଡ ବିରକ୍ତି କର ମଣିଷ ତ !

ବର୍ଷେ ହେବାକୁ ଗଲାଣି । ଝଡ ତୋଫାନ ଆସିଛି, ମୋ ଅଫିସ ଯିବା ବନ୍ଦ ରହିଛି କିନ୍ତୁ ତା ମେସେଜ ଆସିବା ବନ୍ଦ ହୋଇନି । ମୋବାଇଲ ଖରାପ ହୋଇଛି, ପୁଣି ସଜ କରି ଆଣିଛି, ତଥାପି ତା ମେସେଜ ବନ୍ଦ ହୋଇନି । ପୂର୍ଣ୍ଣିମା ଅମାବାସ୍ୟା ଆସିଛି, ପର୍ବ ପର୍ବାଣୀ ଆସିଛି, ପୁଣି ଚାଲି ଯାଇଛି କିନ୍ତୁ ସେ ମୋବାଇଲରୁ ସକାଳର ଶୁଭେଚ୍ଛା ବାର୍ତ୍ତା ଆସିବା ବନ୍ଦ ହୋଇନାହିଁ ।

ଏଇ ଶେଷ ଛଅଦିନ ହେବ ସେ ମୋବାଇଲରୁ କୌଣସି ମେସେଜ ଆସିନାହିଁ । ମୁଁ ଖୁସି ହେବା କଥା କିନ୍ତୁ ହୋଇ ପାରିନି । କେବେ ବିରକ୍ତି ହେଉଥିଲି ସେ ମେସେଜ ପାଇ । ଆଜି ମେସେଜ ଆସିନାହିଁ ବୋଲି କାହିଁକି ବ୍ୟସ୍ତ ହେଉଛି । କେବେ ତ ତା ଚିତ୍ରିତ ମେସେଜ ପଢିନାହିଁ । ଆଜି ସେହି ପଢା ହେଉ ନଥିବା ମେସେଜ ପାଇଁ ଚିନ୍ତା ହେଉଛି ପୁଣି କାହିଁକି । ଏବେ ମନେ ହେଉଛି ନିରବରେ ରହି ଯାଇଥିବା କିଛି ସଂପର୍କ ଏଇମିତି ଅଜାଣତରେ ହଠାତ୍ ଆମ ଜୀବନର ଅଂଶ ବିଶେଷ ହୋଇଯାଏ । କୌଣସି ପରିଚୟ ନଥାଇବି ସଂପର୍କିତ ହୋଇଯାଏ । କେବେ କାହା ପ୍ରତି ଉପେକ୍ଷା ଆଜି ପରି ଅପେକ୍ଷା ହୋଇଯାଏ ।

ମୁଁ ବ୍ୟସ୍ତ ହୋଇ ସେ ନମ୍ବରରେ ଫୋନ୍ କଲି । ଦୁଇ ଥର ରିଙ୍ଗ୍ ହୋଇ କଟିଗଲା ପରେ ତୃତୀୟ ଥର ଝିଅଟିଏ ଉଠାଇ ପଚାରିଲା , 'କାହାକୁ ଖୋଜୁଛନ୍ତି ?'

ମୁଁ ଚମକି ଉଠିଲି ଏ ପ୍ରଶ୍ନରେ । ହଁ , ମୁଁ କାହାକୁ ଖୋଜୁଛି ? !

ଏ ମୋବାଇଲର ଅଧିକାରୀ କ'ଣ ଏଇ ଝିଅଟି ? ତେବେ ତା ପ୍ରୋଫାଇଲରେ ଫୋଟ ଥିବା ସେ ପୁରୁଷ ଲୋକଟିଏ କିଏ ?

ବଡ ଅଦ୍ଭୁତ ପ୍ରଶ୍ନ ପଚାରୁଛି ଝିଅ । ବର୍ଷେ ହେଲା ପ୍ରତ୍ୟେକ ଦିନ ଏ ମୋବାଇଲକୁ ମେସେଜ ପଠାଉଛି । ଆଜି ଫୋନ କରିଲି ତ ପଚାରୁଛି, କାହାକୁ ଖୋଜୁଛନ୍ତି ? କ'ଣ ଉତ୍ତର ଦେବି ଏ ପ୍ରଶ୍ନରେ ।

ଭାବିଲି , ଏ ପ୍ରଶ୍ନ ପଚାରୁଥିବା ଝିଅ ଏ ମୋବାଇଲର ଅଧିକାରିଣୀ ହୋଇ ନ ପାରେ । କିନ୍ତୁ ତା ସ୍ୱର ଭାରି ଭାରି ଲାଗୁଥିଲା । ପ୍ରୋଫାଇଲର ହସ ହସ ଫୋଟ ପରି ସେ ସ୍ୱରରେ ଖୁସି ନଥିଲା । ସେ ସ୍ୱରରେ ଫାଟି ପଡୁଥିଲା ଯେମିତି ସକାଳ ।

ମୁଁ ଫୋନ କାଟିଦେଲି ।

ଯାହା ହେଉ ତାପର ଦିନ କିନ୍ତୁ ସକାଳେ ଆସିଲା ଆଗ ଦିନ ମାନଙ୍କ ପରି ଚିତ୍ରିତ ଶୁଭେଚ୍ଛା ବାର୍ତ୍ତା ପରି ଫୋଟ । ଏଥର କିନ୍ତୁ ମୁଁ ଚଟ୍ କରି ଡାଉନଲୋଡ କରିନେଲି । ସେଇଟା ଥିଲା ଗୋଟିଏ ନିମନ୍ତ୍ରଣ କାର୍ଡ ।

ତଳେ ଲେଖା ହୋଇଥିଲା, 'ବାପାଙ୍କ ଏଇ ମୋବାଇଲରୁ ଜାଣିଲି, ସେ ଆପଣଙ୍କୁ ଏଇ ମୋବାଇଲରେ ପ୍ରତ୍ୟେକ ଦିନ ଶୁଭେଚ୍ଛା ବାର୍ତ୍ତା ପଠାନ୍ତି । କିନ୍ତୁ କେବେ କିଛି କହି ନାହାନ୍ତି ଆପଣଙ୍କ ବିଷୟରେ । ବାପାଙ୍କର ଖୁବ୍ କମ୍ ସାଙ୍ଗ ଥିଲେ କିନ୍ତୁ ଯେଉଁ କେତେ ଜଣ ଥିଲେ ସେମାନେ ଖୁବ୍ ଆପଣାର ଥିଲେ । ଆପଣ ନିଶ୍ଚୟ ଆସିବେ ପଅର ଦିନ ତାଙ୍କ ଦଶାହ ଦିବସରେ । ଆମେ ଅପେକ୍ଷା କରିବୁ ।

ମୁଁ ନିଜକୁ କହିଲି, 'ମୁଁ କେହି ତ ନଥିଲି ତମର, ଅଥଚ ଏତେ ଭିଡ ଭିତରେ ମୋତେ ତୁମେ କେମିତି ଖୋଜି ଖୋଜି ନିଜର କରି ନେଇଥିଲ । ତୁମ ଭଲ ପାଇବାରେ କୌଣସି ସର୍ତ୍ତ ତ ନଥିଲା । ମୋର ସମସ୍ତ ଉପେକ୍ଷାକୁ ତୁମେ ସହି ନେଇଥିଲ । କେତେ ଧୈର୍ଯ୍ୟ ଥିଲା ତୁମ ଆନ୍ତରିକତାରେ !'

ମୋ ଥମ ଥମ ମୁହଁ ଦେଖି ପତ୍ନୀ ପଚାରିଲେ, କ'ଣ ହେଲା ?? କାହା ଫୋନ ?

ମୁଁ କହିଲି ସବୁ ବୁଝେଇ । 'ଯେତେ ଯତ୍ନ କଲେ ବି ପାଖରେ ଥିବା ସଂପର୍କକୁ ବେଳେ ବେଳେ ଧରି ରଖି ହୁଏନି, ହଜିଯାଏ ଅଥଚ କେତେ ଦୂରରେ କେହି ଯୋଡ଼ି ହୋଇଯାଏ ଆମ ଅଜାଣତରେ ।'

ପତ୍ନୀ କହିଲେ, 'ବେଶି ଦୂର ତ ନୁହେଁ । ମୁଁ ପ୍ରସ୍ତୁତ ରହିବି, କାଲି ସକାଳ ସଟେଲ ଟ୍ରେନରେ ବାହାରିଯିବା । ବାହାଘର ବ୍ରତରେ ନ ଗଲେ ଚଳିଥାନ୍ତା । ଏଇଟା ଶୁଦ୍ଧିକ୍ରିୟା ପରା । ନଗଲେ ସଂପର୍କ କଟିଯିବ ।' ■■■

ବସନ୍ତ ପୁର, ଗେଙ୍ଗୁଟି ,ବାଲେଶ୍ୱର
ମୋବାଇଲ -୯୪୩୨୧୬୨୬୪୫

# ବିଦେହ ବସନ୍ତ

## ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)





ଋତୁ ବଦଳିବା ସମୟସାପେକ୍ଷ, ହେଲେ ମନ ବଦଳିବା...???

ମାସ, ବର୍ଷ, ଦିନ ନା ମୁହୂର୍ତ୍ତ ଭାବୁଥିଲା କୃଷ୍ଣା । ସମୟ ଚାଲିଯାଏ, ଖୁସିରେ ଥିଲାବେଳେ ଜଣାପଡ଼େନି ହେଲେ ଦୁଃଖର ମୁହୂର୍ତ୍ତ ସବୁ ଏତେ ଭାରିଭାରି ଲାଗେ କେମିତି ? ସତୀଶ ଯେ ଏମିତି ରୋକ୍‌ଠୋକ୍ ଭାବେ ମନା କରିଦେବ, ସହଯୋଗ କରିବନି ଏକଥା କଳ୍ପନାର ବାହାରେ ଥିଲା ତା'ପାଇଁ । କ'ଣଟା ବା ସେ କହିଥିଲା

ମନେ ପକଉଥିଲା କୃଷ୍ଣା । ପ୍ରାୟ ପାଞ୍ଚବର୍ଷ ତଳେ ଥରେ ନୂଆନୂଆ ଅର୍କିଡ୍ ଓ କିଛି ଅର୍ନାମେଣ୍ଟାଲ ସୋ ଗଛ ଆଣିବାକୁ ସେ ପାଖଦୋକାନକୁ ଯାଇଥିଲାବେଳେ ସେଇଠି ପରିଚୟ ହୋଇଥିଲା ସତୀଶଙ୍କ ସହ । ପିଙ୍କ ଶ୍ଳାୱାରରେ ଭରିଥିବା ଅର୍କିଡ୍‌ଟା ଆଣିବାକୁ ହାତବଢ଼ାଇଲାବେଳକୁ ସତୀଶ ସେ ଗଛଟି ଧରିସାରି ଦୋକାନୀକୁ ରେଟ୍ ପଚାରୁ ଥିଲେ । ରହିରହି ଦୋକାନୀଟି କହିଥିଲା "ଗଛଟି ମାଡାମ ଚଏସ୍ କରି ରଖିଛନ୍ତି, ସେ ନିଅନ୍ତୁ, ମୁଁ ଆପଣଙ୍କ ପାଇଁ ଆଉଗୋଟେ ମଗେଇଦେବି ।" ନା ନା ସେ ତ ନନେଇକି ଅନ୍ୟଗଛ ଦେଖୁଥିଲେ, ମୁଁ ଏଇଟା ବାଛିଲା ପରେ ହିଁ ସେ ନେବାକଥା କହୁଛନ୍ତି, ତେଣୁ ଏ ଗଛ ମୁଁ ହିଁ ନେବି । "କିଛି କଥା ନାହିଁ, ଆପଣ ସେ ଗଛ ନିଅନ୍ତୁ ହେଲେ କାଲିଦିନଟି ପାଇଁ ମୋତେ ଦିଅନ୍ତୁ, କ୍ଲାସ୍‌ରେ କାଲି ପିଲାମାନଙ୍କୁ ସ୍ପେସିମେନ୍-ସାମ୍ପଲ ଦେଖାଇବାର ଅଛି ତ-" କହିଥିଲା କୃଷ୍ଣା । ଓଃ ଆଇ ସି, ଠିକ୍ ଅଛି, ଆପଣ ନିଅନ୍ତୁ ଏ ଗଛ । ମୁଁ ପରେ ନେବି ।

ବାସ୍ ଏଇଠୁ ହିଁ ଆରମ୍ଭ ହୋଇଥିଲା ସେମାନଙ୍କର ପରିଚୟ । ଦୁଇଜଣ ଗୋଟିଏ ବିଷୟ ତଥା ପାଖାପାଖି କଲେଜ୍‌ରେ ଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଧୀରେଧୀରେ ବଢ଼ି ଚାଲିଲା । ଅଦ୍ଭୁତ ତାଙ୍କ କଳ୍ପନା । ଥରେ କୃଷ୍ଣା ଏମିତି ଗପୁଗପୁ ପଚାରିଥିଲା, "କହିଲ ଦେଖି ଦ୍ରୌପଦୀ ପ୍ରଥମଥର କେଉଁଠି ଶ୍ରୀକୃଷ୍ଣଙ୍କୁ ଭେଟିଥିଲେ, ଏଥିରେ ଭାବିବାର କ'ଣ ଅଛି..... ପୁରୀ ବଡ଼ଦାଣ୍ଡ ତ କେବେହେଲେ ନୁହେଁ, ଚଟାପଟ ସେ ଉତ୍ତର ଦେଲେ ।" ଆରେ ଉତ୍ତରଟା କୁହ, ସବୁବେଳେ ଏମିତି ମଜା କାହିଁକି କର, କୁହ-ମୁହଁଫୁଲେଇକି କହିଲା ସେ ।

ରିଫ୍ରେସର କୋର୍ସ କରିବାକୁ ୟୁନିଭର୍‌ସିଟି ଯାଇଥିଲାବେଳେ ଦିନେ ସମସ୍ତେ ପୁରୀ ଯାଇଥିଲେ । ସମୁଦ୍ରକୂଳରେ ବସି ସତୀଶ ଲହରୀ ସବୁ ଗଣୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଛୋଟପିଲାଙ୍କ ପରି ଏସବୁ କ'ଣ କରୁଛ ?" ବଡ଼ ଦାର୍ଶନିକଙ୍କ ପରି ସେ ଉତ୍ତର ଦେଲେ ଲହରୀ ଗଣିକି ବୁଝିବା ଭଳି କଠିନ କାମ ଆଉ କ'ଣ ଅଛି କହିଲ ? ଏଥିରେ ବୁଝିବାର କ'ଣ ଅଛି ? ସେ ପଚାରିଥିଲା । ଦେଖ ପ୍ରମତ୍ତ ଜଳରାଶି କିପରି ଉଚ୍ଚରୁ ଉଚ୍ଚକୁ ଉଠୁଛି, ମାତ୍ର ପରମୁହୂର୍ତ୍ତରେ ପୁଣି ଧରାସ୍ପର୍ଶ କରୁଛି ଠିକ୍ ମଣିଷ ଜୀବନ ଭଳି । ମଦମତ୍ତ ଅହଂକାରୀ ମଣିଷଟି ଭାବେ ସେ ସମସ୍ତଙ୍କ ଉପରେ, ମାତ୍ର ପରମୁହୂର୍ତ୍ତରେ ସେ ଯେତେବେଳେ ନିଜର ଭୁଲ୍ ବୁଝେ, ସେତେବେଳେ ଅନେକ ଡେରି ହୋଇଯାଇଥାଏ । ଛାଡ଼, ତୁମର ସେ ଫିଲୋସଫି କଥା, ଚାଲ ମସଲାମୁଢ଼ି ଖାଇବା କହି ସେଦିନ ସେ କଥାକୁ ସେଇଠି ସାରିଥିଲା ।

ଏମିତି ଅନେକ ସମୟରେ ସେମାନେ ଗୀତା, ଭାଗବତ, ରାମଚରିତ ଉପରେ ବି ଚର୍ଚ୍ଚା କରୁଥିଲେ । ସମ୍ପୂର୍ଣ୍ଣ ଗୀତା ତ ସତୀଶଙ୍କ କଣ୍ଠସ୍ଥ ଥିଲା । ପ୍ରତିଟି ଅଧ୍ୟାୟରେ ପ୍ରତିଟି ଶ୍ଳୋକର ସେ କେତେ ଅର୍ଥର ବୁଝଉଥିଲେ, ସବୁବେଳେ ନୂଆ ଲାଗୁଥିଲା । ଏମିତିରେ ରାମାୟଣର ପ୍ରିୟ ଚରିତ୍ର କିଏ, ର ଉତ୍ତରରେ ସେ ରାଜା ଜନକ କହିଲେ । କ'ଣ ପାଇଁର ଉତ୍ତରରେ ସେ କହିଲେ ଅଭୂତପୂର୍ବ ରାଜା ଜନକଙ୍କ ଚରିତ୍ର । କେତେ ବଡ଼ ରାଜ୍ୟର ସମ୍ରାଟ ମାତ୍ର ଜୀବନ ଅତିବାହିତ କରିଛନ୍ତି ତପସ୍ୱୀଙ୍କ ଭଳି । ଅଷ୍ଟବକ୍ର ଋଷିଙ୍କ ସହ ଆଲୋଚନାବେଳେ ଦୂତ ଖବର ଆଣିଛି ରାଜପ୍ରାସାଦ ପ୍ରଚଣ୍ଡ ଅଗ୍ନିର ଲେଲିହାନ ଶିଖାରେ ଜଳୁଛି, ଋଷି ନିଜ କୌପୀନ୍ ଦୁଇଟି ଜଳିଯାଇଥିବ ଭାବି ବ୍ୟାକୁଳ ହେଉଛନ୍ତି, ମାତ୍ର ରାଜା ଜନକ ନିର୍ବିକାର ଥିଲେ । ସବୁକିଛି ଭିତରେ ଥାଇ ବି କୋଉଥିରେ ଆସକ୍ତ ନହେବା ହି ଜନକଙ୍କ ବୈଶିଷ୍ଟ୍ୟ । ଆଖି ଖୋସି ହେଇଯାଇଥିଲା କୃଷ୍ଣାର..... ଏଭଳି ବିଦେହୀ ଲୋକ କ'ଣ ପ୍ରେମ, ପ୍ରଣୟ, ବସନ୍ତ, ଫୁଲ, ଫଗୁଣ କିଛି ବୁଝିପାରିବେ...??

ଥାଉ କିଛି ନକହିବା ହିଁ ସବୁଠାରୁ ଭଲହେବ ବୋଧେ । ତେଣୁ ତ ସେ ଚୁପ୍ ରହିଗଲା । ଅନେକଥର ସତୀଶ ତାକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଛନ୍ତି । ହେଲେ ସେ କିଛିଦିନ ଯାଏଁ ଭାବି ରହିଯାଏ । ଏମିତି ଚାଲିଗଲା ପାଞ୍ଚବର୍ଷ । ଆଉ ଆଜି ସତୀଶ ତା'ର ସବୁ ଅନୁରୋଧକୁ ଆଡ଼େଇ ଦେଇ ପରିବ୍ରାଜକର ଜୀବନକୁ ଆପଣେଇ ନେଲେ । କୃଷ୍ଣା ବସିଥିଲା ଚୁପ୍‌ଚାପ୍ ।

ଶେଷ ଅନୁରୋଧ ରଖିବେ ତ..... ସତୀଶ ?

ପ୍ରାଣପିଣ୍ଡ ଛାଡ଼ିଗଲାବେଳେ ଆସିବେ ତ....? ■■■

ଫକୀରମୋହନ ନଗର, ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

# ସତ ସପନ କାହାଣୀ

## ପୀତାମ୍ବର ଦାସ





ନିଦରୁ ଉଠୁଉଠୁ ସ୍ୱପ୍ନା କ'ଣ ଭାବିଲା କେଜାଣି, ମୁହଁ ହାତ ପାଣିରେ ଧୋଇସାରି ସାଙ୍ଗେସାଙ୍ଗେ ପୋଷାକ ପିନ୍ଧି ବାହାରି ପଡ଼ିଲା । ଆଜି ତ କଲେଜ ଛୁଟି, ଯିବାର ନାହିଁ, ଦାନ୍ତ ନ ଘସି ଆଖିଆ ଅପିଆ କୁଆଡ଼େ ବାହାରିଲା କି, ଏକଥା ମା' ରମାଦେବୀଙ୍କୁ ଆନ୍ଦୋଳିତ କରିବାରୁ ସ୍ୱପ୍ନା ଯିବାର କାରଣ ପଚାରିଲେ । ସ୍ୱପ୍ନା ଟିକିଏ ଅଟକିଯାଇ ଉତ୍ତର ଦେବା ପୂର୍ବରୁ ବାପା ଆସି ରମାଦେବୀଙ୍କୁ କହିଲେ, ସ୍ୱପ୍ନା କ'ଣ ଛୋଟ ହେଇଛି କି, ତାକୁ ଆକଟ କଲାଭଳି ସବୁ ପ୍ରଶ୍ନ ପଚାରି ବାହାରକୁ ଯିବାକୁ ବାରଣ କରିବ, ଯାଉ ସେ ବାହାରକୁ ଯାଉ । ବାପାଙ୍କଠାରୁ ସ୍ୱାଧୀନତା ପାଇ ଅନାବିଳ ପିତୃତ୍ୱର ଉତ୍‌ଫୁଲ୍ଲିତ ହୋଇ ସ୍ୱପ୍ନା ମା' ଆଡ଼କୁ ଅନାଇ ଅପରାଧୀ ଢ଼ଙ୍ଗରେ ସମ୍ମତି ଜଣାଇ ସ୍କୁଟି ଧରି ବାହାରକୁ ଚାଲିଗଲା । କହିଲା, ମମି ମୁଁ ଅଧଘଣ୍ଟାଏ ଭିତରେ ଫେରିବି, ଉପମା ଡାଲମା କରି ରଖିଥିବ, ଆସିଲେ ବାପା ଓ ପପୁ ସହ ମିଶି ଖାଇବା । ବଜାରକୁ ଯାଇ ଦୁଇପ୍ରକାରର ସୁଆଦିଆ ମିଠା କିଣି ଆଣିଲା । କଥା ଦେଇଥିବା ଅନୁସାରେ ଅଧଘଣ୍ଟାଏର ୫ମିନିଟ୍ ପୂର୍ବରୁ ଆସି ପହଞ୍ଚିଲା । ବାପା ଗର୍ବରେ କହୁଥା'ନ୍ତି, "ରମାଦେବୀ ଦେଖିଲ ତ ସ୍ୱପ୍ନା ଠିକ୍ ସମୟ ଜ୍ଞାନର ସମତା ରଖି ଶୃଙ୍ଖଳାର ସବୁ ସୀମାହ୍ରଦକୁ ବିଶ୍ଳେଷଣ କରି ପହଞ୍ଚିଗଲା । ମୋ ଝିଅଟି, ସଂସ୍କାର କ'ଣ ତାକୁ ବୁଝାଇବାକୁ ପଡ଼ିବ । ଏଭଳି ପିତୃତ୍ୱର ସ୍ନେହ ମମତାଭରା ଅମୃତ ବାବଦରେ ସ୍ୱପ୍ନା ଏଇ ପରିବାରର କନ୍ୟା ବୋଲି ଆତ୍ମା ତୃପ୍ତିର ଗର୍ବ କଲାବେଳେ ମମି ଆଖିରୁ ଆନନ୍ଦାଶ୍ରୁ ଝରଝର ହୋଇ ବୋହିପଡୁଥିଲା । ସାନଭାଇ ଦିଦି କହି ସ୍ୱପ୍ନାକୁ କୁଣ୍ଢେଇପକାଇ ବାପାଙ୍କର ସଂସ୍କାରିତ ବାକ୍ୟକୁ ତା'ର ହୃଦୟରେ ସାଇତି ରଖି ଦିଦିର ଆଦର୍ଶକୁ ପାଳନ କରିବାକୁ ମନେମନେ ଶପଥ କଲା । ସ୍ୱପ୍ନା ସଙ୍ଗେସଙ୍ଗେ ଦାନ୍ତଘସି ଆସି, ମମିକୁ ଖାଇବାପାଇଁ ଟିଫିନ୍ ସହ ମିଠା ପରଶି ଦେବାକୁ କହିଲା । ସମସ୍ତେ ଡାଇନିଂ ଟେବୁଲ୍‌ରେ ଖାଇ ବସିଲେ । ଟି.ଭି. ଚାଲିଥାଏ । ସକାଳ ୯ଟା ସମୟରେ ସମ୍ବାଦ ପ୍ରସାରିତ ହେଲା । ସାରା ଭାରତର ଆଇ.ଏ.ଏସ୍. ପରୀକ୍ଷା ରେଜଲ୍ଟ ପ୍ରକାଶିତ ହୋଇଛି । ସେଥିରେ ସ୍ୱପ୍ନା ପ୍ରଥମ ଦଶଜଣଙ୍କ ମଝିରେ ରହି ସାରା ଭାରତର ଗୌରବ ମଣ୍ଡନ କରିବା ସଙ୍ଗେସଙ୍ଗେ ଓଡ଼ିଶାର ସୁନାମକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି । ପାପା, ମାମି ଗର୍ବିତ ପ୍ରାଣରେ ମିଠାକୁ ନିଜ ହାତରେ ଖୁଆଇ ଦେଇ ସ୍ୱପ୍ନାକୁ ପିତୃତ୍ୱ ଓ ମାତୃତ୍ୱକୁ ଧନ୍ୟବାଦ ଦେଲା ବେଳେ ଭାତୃତ୍ୱର ପରକାଷ୍ଠା ପ୍ରଦାନ କରି ପପୁ ଦିଦି ଦିଦି ଡାକି ଖୁସିରେ ନାଚି ଯାଉଥାଏ । ସ୍ୱପ୍ନା ନିଜକୁ ସମ୍ଭାଳି ନପାରି ଖୁସିର ଅପାର ଆନନ୍ଦରେ ସାନଭାଇ ସହିତ ତାଳେତାଳେ ନାଚିଯାଉଥାଏ । ତା'ର ନୃତ୍ୟରତା ପାଦଦୁଇଟି ପାଖରେ ଥିବା ସାନଭାଇ ଦେହରେ ଆଘାତ କରିବାରୁ ସେ ଭେଁ ଭେଁ କରି କାନ୍ଦିବାରୁ ସ୍ୱପ୍ନର ବ୍ୟାଘାତ ଘଟିଲା । ହଠାତ୍ ସେ ଉଠି ଦେଖିଲା, ତଳେ ପଡ଼ିଥିବା ଏକ ଛିଣ୍ଡା ସପ ଉପରେ ପତଳା ଲୁଗା ଉପରେ ଶୋଇଛି ଓ ସାନଭାଇ ବୋଉ, ବାପା କହି ଜୋର୍‌ରେ କାନ୍ଦୁଛି । ସ୍ୱପ୍ନା ବିଶ୍ୱାସ କରିପାରୁନି ଏ ସତ୍ୟ ନା ସ୍ୱପ୍ନ । ସେ ତତ୍‌କ୍ଷଣାତ୍ ଆସି ବୋଉ ବାପାଙ୍କୁ ଖୋଜିଲା, ମାତ୍ର ପାଇଲା ନାହିଁ । ଭାବିନେଲା ସବୁଦିନ ଭଳି ତା'ର ମାଆ ପରପାଇଟିକୁ କାମ କରିବାକୁ ଯାଇଛି ଓ ବାପା ମୂଲ ଖଟିବାକୁ କାହା ଘରକୁ ଯାଇଛନ୍ତି । ସେ ତ ଏକ ଦୀନମଜୁରିଆ ଘରର ଝିଅ, ତା' ଘରେ ଟି.ଭି. କେଉଁଠୁ ଆସିବ, ବିଛଣାରେ ଶୋଇବାର ମଜା କାହୁଁ ବା ପାଇବ, ବାପାଙ୍କ ନାମ କାହୁଁ ବା ସୁନନ୍ଦ ହୋଇବ, ସମସ୍ତେ ତ ତାଙ୍କୁ ସନା ସନା ଡାକନ୍ତି ଓ ମାଆକୁ ରମେଇ ରମେଇ ବୋଲି ଡାକନ୍ତି । ଭାଇର ଡାକନାମ ପପୁ ତ ଏକ ସମ୍ଭ୍ରାନ୍ତ ନାମ, ଧିକ୍ ତା' ଜୀବନ ।

ଏସବୁ ସ୍ୱପ୍ନର କାହାଣୀ ଥିଲା ସ୍ୱପ୍ନା ଜୀବନର ତିନିବର୍ଷ ପୂର୍ବରୁ, ଯେତେବେଳେ ସେ ଯୁକ୍ତ ତିନି ପରୀକ୍ଷା ଦେଇସାରିଥିଲା । ସ୍ୱପ୍ନ ବୋଧହୁଏ ମନର ପରିକଳ୍ପନା । ସ୍ୱପ୍ନର କାହାଣୀର ଜାଜ୍ଜୁଲ୍ୟତାକୁ ହୃଦୟରେ ଚାପିଧରି ବାପା ବୋଉ ତଥା ସାଙ୍ଗମାନଙ୍କ ଆଗରେ ପ୍ରକାଶ ନକରି ସାକାର କରିବାର ସ୍ୱପ୍ନ ସ୍ୱପ୍ନାକୁ ଘାରିବାକୁ ଲାଗିଲା । ବାପା ବୋଉଙ୍କୁ ଅର୍ଥର ବୋଝଭାର ନଦେଇ ଟିଉସନ୍ କରି ପି.ଜି.ପରେପରେ ସିଭିଲ୍ ସର୍ଭିସ୍ ପାଇଁ ଉଦ୍ୟମ କରିଲା । ପିଲାଟିବେଳରୁ ସ୍କଲାରସିପ୍ ପାଉଥିବାରୁ ସେଇ ଅର୍ଥରେ ବହିମାନ କିଣି ନିଜକୁ ଆଇ.ଏ.ଏସ୍. ପରୀକ୍ଷା ପାଇଁ ପ୍ରସ୍ତୁତ କରିଲା ଓ ଶେଷରେ କୃତ୍ୟକାର୍ଯ୍ୟ ହେଲା ମଧ୍ୟ ।

ସ୍ୱପ୍ନ ଦେଖିବା ଦିନ ହିଁ ଥିଲା ଛୁଟିଦିନ । ଆଜି ଅଫିସରେ ଛୁଟି ଥିବାରୁ, ଜିଲ୍ଲାର କଲେକ୍ଟର ହିସାବରେ ବହୁ ଦାୟିତ୍ୱ ଥିଲେ ମଧ୍ୟ ଆଜି ସରକାରୀ ବାସଭବନରେ ଏକ ନିରୋଳା ପରିବେଶରେ ସେ ସ୍ୱପ୍ନର କାହାଣୀ ତା' ଆଖି ସାମ୍ନାରେ ଭାସିଆସୁଥିଲା । ଏକମାସ ଧରି ସରକାରୀ ବାସଭବନରେ ଥଇଥାନର ପୂରା ବନ୍ଦୋବସ୍ତ କରି ଗାଆଁରୁ ବାପା ବୋଉ ଓ ସାନଭାଇକୁ ନେଇ ଆସିଲା । ପିତୃତ୍ୱ ମାତୃତ୍ୱର ଆଶୀର୍ବାଦ ଓ ଭାତୃତ୍ୱର ମମତାର ଡୋର ସମସ୍ତଙ୍କୁ ସମୟର ଆନନ୍ଦସ୍ରୋତରେ ଭସାଇ ନେଉଥିଲା । ସ୍ୱପ୍ନର ଦାରିଦ୍ର୍ୟ ପରିବାରକୁ ତାଚ୍ଛଲ୍ୟ କରୁଥିବା ଲୋକ କହୁଥିଲେ ଝିଅ ବି କମ୍ ଗୁଣରେ କମ୍ ନୁହେଁ । ■■■

ଭି.ଆଇ.ପି.କଲୋନି, ଗୋପାଳଗାଁ, ବାଲେଶ୍ୱର
ମୋ.: ୮୮୯୫୯୩୧୩୩୫

# ବାଲ୍ୟ ବିବାହ ରୋକିଲେ ସିଡିପିଓ

ଜୟପୁର,୩୦/୩(ନିପ୍ର) : ବିବାହ ପାଇଁ ଚାଲିଥିଲା ଭୋଜିଭାତ ରୋଷେଇ, ନାଚଗୀତରେ ମସଗୁଲ ଥିଲେ ବନ୍ଧୁ ବାନ୍ଧବ ଓ ଗାଁ ଲୋକେ। ବର କନ୍ୟାଙ୍କ ବିବାହ କାର୍ଯ୍ୟ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା । ବାହାଘରର ଜନଗହଳି ପରିବେଶ ମଧ୍ୟରେ ଜୋର ଧରିଥିଲା ଉତ୍ସବର ମାହୋଲ୍ । ଜଣେ ଶିକ୍ଷକଙ୍କ ଝିଅ ସହ ୱାର୍ଡ ସଭ୍ୟାଙ୍କ ପୁଅର ବିବାହ ହୋଇଥାନ୍ତା । ଭୋଜି ପୂର୍ବରୁ ପହଂଚିଗଲା ବ୍ଲକ ପ୍ରଶାସନ । କିଛି ସମୟ ମଧ୍ୟରେ ବାହାଘର ଉତ୍ସବର ମାହୋଲ୍ ବଦଳିଗଲା, କାରଣ ସ୍ଥାନୀୟ ସିଡିପିଓ ପହଂଚି ବାହାଘର ରୋକିଲେ । ଉପସ୍ଥିତ ଲୋକେ କେହି କିଛି ବୁଝି ପାରୁନଥିଲେ । ତେବେ ଜଣାପଡିଲା ଯେ, ଏ ବାହାଘର ଥିଲା ଏକ ବାଲ୍ୟ ବିବାହ। ଏହା ଜାଣିବା ପରେ ବାଲ୍ୟ ବିବାହ ରୋକିବା ପାଇଁ ପୋଲିସ ସହ ପହଁଚିଥିଲେ ସିଡିପିଓ। ଏଭଳି ଘଟଣା ଘଟିଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ କୋଲାର ପଂଚାୟତର କେବେଡାଅଟାଲ ଗାଁ ରେ । ସେହି ଗାଁ ର ଜଣେ ଶିକ୍ଷକଙ୍କ ଝିଅ (ନାବାଳିକା) ସହ ବୋଦାପୁଟ ପଂଚାୟତ ମାଦି ଗ୍ରାମର ୱାର୍ଡମେମ୍ବରଙ୍କ ପୁଅର (ନାବାଳକ) ବାଲ୍ୟ ବିବାହ ହୋଇଥାନ୍ତା । ଖବର ପାଇ ବୈପାରୀଗୁଡା ସିଡିପିଓ ପୋଲିସ ସାଙ୍ଗରେ କେବେଡାଅଟାଲ ଗାଁ ରେ ପହଂଚି ଥିଲେ ଏବଂ ଏହି ବାଲ୍ୟ ବିବାହକୁ ବନ୍ଦ କରିଥିଲେ । ଝିଅର ବାପା ମାଆ ଏବଂ ପରିବାର ସମସ୍ତଙ୍କ ଉପସ୍ଥିତିରେ ବାଲ୍ୟ ବିବାହ ବନ୍ଦ ପାଇଁ ଚୁକ୍ତିନାମା କାରଯାଇଥିଲା । ଝିଅର ବୟସ ହେଲେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଝିଅର ପରିବାର ଲୋକେ । ଏଥିସହ ଉପସ୍ଥିତ ସମସ୍ତଙ୍କୁ ବାଲ୍ୟ ବିବାହ ବିଷୟରେ ସଚେତନ କରିଛନ୍ତି ସ୍ଥାନୀୟ ସିଡିପିଓ ସବିତା ରାଣୀ ବ୍ରହ୍ମା । ଏଥିରେ କଳାର କ୍ଷେତ୍ର ପରିଦର୍ଶିକା ଚନ୍ଦ୍ରବତୀ ମଣ୍ଡଳ, ବୈପାରୀଗୁଡା କ୍ଷେତ୍ର ପରିଦର୍ଶିକା ନନ୍ଦିନୀ ଚୌଧୁରୀ,ଅଙ୍ଗନବାଡି କର୍ମୀ ରୁପାଲୀ ସାନ୍ତା, ବୈପାରୀଗୁଡା ପୋଲିସ ଷ୍ଟାଫ୍ ଏବଂ ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟଦୁର୍ଗା ନୋଡାଲ ୟୁପି ସ୍କୁଲରୁ ଚୋରି

ଭଦ୍ରକ,୩୦/୩(ନିପ୍ର ) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଶ୍ୟାମସୁନ୍ଦର ପଂଚାୟତ ଅଧୀନ ଉପରଦୁମୁକା ଗ୍ରାମସ୍ଥିତ ଜୟଦୁର୍ଗା ନୋଡାଲ ୟୁପି ସ୍କୁଲରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍କୁଲର ପ୍ରଧାନଶିକ୍ଷକ ରାଜେଶ କାଣ୍ଡିଆନ ଶନିବାର ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସେ ଦାବି ଜଣାଇଛନ୍ତି। ପ୍ରଧାନଶିକ୍ଷକ ଶ୍ରୀ କାଣ୍ଡିଆନଙ୍କ ଅଭିଯୋଗରୁ ପ୍ରକାଶ ଯେ ଶୁକ୍ରବାର ରାତିରେ କେତେକ ଦୁର୍ବୃତ ସ୍କୁଲର ୨ଟି ଗେଟର ତାଲା ଭାଙ୍ଗି ଭିତରକୁ ପଶିବା ସହ ଅଫିସ ଓ ଶ୍ରେଣୀଗୃହର ତାଲା ମଧ୍ୟ ଭାଙ୍ଗିଦେଇଛନ୍ତି। ସେମାନେ ସ୍କୁଲରେ ଥିବା ରାନ୍ଧଣା ସାମଗ୍ରୀ ସହ ୩୨ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳକୁ ନେଇଯାଇଛନ୍ତି। ଏଥିସହ ସ୍କୁଲରେ ଥିବା ମାଇକସେଟକୁ ବି ସେମାନେ ଚୋରିକରି ନେଇଥିବା ଦର୍ଶାଯାଇଛି। ଶନିବାର ସକାଳ ୬ଟା ବେଳେ ସ୍କୁଲର ସହକାରୀ ଶିକ୍ଷକ ଅଶୋକ କୁମାର ମଲ୍ଲିକ ସ୍କୁଲକୁ ଯିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଅବଗତ କରାଇଛନ୍ତି।

# ପିଏମ ଶ୍ରୀ ଧାମରା ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ଭଦ୍ରକ,୩୦/୩(ନିପ୍ର) : ଭଦ୍ରକ ଜିଲା ଧାମରାରେ ଥିବା ପିଏମ ଶ୍ରୀ ଧାମରାଇ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ଖେଳ ପଡିଆରେ ହୋଇଥିବା ଖେଳ ଉତ୍ସବରେ ଖେଳ ଶିକ୍ଷକ ରାମ ଚନ୍ଦ୍ର ମାରାଣ୍ଡି ୩ ଦିନ ଧରି ହୋଇଥିବା ଖେଳକୁ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଟୁନା ମହାଳିକ କ୍ରୀଡା ପତାକାକୁ ଉତୋଳନ ସହ ଅବତରଣ ମଧ୍ୟ କରିଥିଲେ। ଏହି କ୍ରୀଡା ଉତ୍ସବରେ ୨୨ ପ୍ରକାର ଖେଳକୁଦରେ ଶତାଧିକ ପ୍ରତିଯୋଗୀ ନିଜ ନିଜର ପାରଦର୍ଶିତା ଦେଖାଇଥିଲେ। ପରେ ହୋଇଥିବା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁନା ମହାଳିକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଧାମରା ମେଡିକାଲର ଡ. ଜନ୍ମେଞ୍ଜୟ ବେହେରା ,ସମ୍ମାନୀତ ଅତିଥି ଭାବେ ସିଆରସିସି ରଞ୍ଜିତ କୁମାର ଜେନା, ମୋ ସ୍କୁଲ ଅଭିଯାନର ସଭାପତି ନରହରି ମଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ବିକାଶ କୁମାର ଜେନା ପ୍ରମୁଖ ମଂଚାସୀନ ଥିଲେ। ମନୀଷା ମହାଳିକ ବେଦପାଠ କରିଥିବା ବେଳେ ଅତିଥି ପରିଚୟ ଶ୍ରୀପତି ଦାସ, କ୍ରୀଡା ଶିକ୍ଷକ ରାମଚନ୍ଦ୍ର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଖେଳକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପୁରଷ୍କାର ବିତରଣ ଉତ୍ସବକୁ ଖେଳ ଶିକ୍ଷକ ରାମଚନ୍ଦ୍ର ମାରାଣ୍ଡି ଉପସ୍ଥିତ ରହିବା ସହ ପରିଚାଳନା ମଧ୍ୟ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ମାରାଣ୍ଡି, ମନୀଷା ମହାଳିକ, ଗିରିଜା ଶଙ୍କର ଆଚାର୍ଯ୍ୟ. ସନ୍ତୋଷ ଜେନା, ମୋନାଲିସା ଜେନା, ଶୁକୁମାରୀ ସିଂ, କୁସୁମଲତା ସେଠୀ, ସ୍ୱାତୀ ଶୁଭରେଖା ମହାନ୍ତି, ଚିରଞ୍ଜିବ ମଳିକ, ଅଜୟ ନାୟକ, ସୁଶୀଳା କର, ଜ୍ୟୋସ୍ନାପ୍ରଭା ସାହୁ, କନକଲତା ପଣ୍ଡା, କାହ୍ନୁ ଚରଣ ଟୁଡୁ, ମନୁ ମୁର୍ମୁ, ହୃଶିକେଶ, ଅଶୋକ କୁମାର ବିଶ୍ୱାଳ ,ପ୍ରଶାନ୍ତ ଦାସ,ସୁଶାନ୍ତ କୁମାର ଗିରି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଲାଙ୍ଗିର ଜିଲ୍ଲାରେ ସମବାୟ ବିଭାଗ ଆନୁକୂଲ୍ୟରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସମ୍ମିଳନୀ

ବଲାଙ୍ଗିର,୩୦/୩(ନିପ୍ର ) : ବଲାଙ୍ଗିର ଜିଲ୍ଲାରେ ସମବାୟ ବିଭାଗ ଆନୁକୂଲ୍ୟରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ମାର୍ଚ୍ଚ ମାସ ପାଇଁ ଜିଲ୍ଲାସ୍ତରୀୟ ସମ୍ମିଳନୀ ଉପନିବନ୍ଧକ ସମବାୟ ସମିତି ସମୂହ ବଲାଙ୍ଗିର ବିଭାଜନ, ବଲାଙ୍ଗିରଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାପାଳ ଗୌରଵ୍ ଶିୱାଜି ଇସଲୱାର ମୁଖ୍ୟ ଅତିଥି ରୂପରେ ଯୋଗଦେଇ ବଲାଙ୍ଗିରକୁ ଏକ ଆକାଂକ୍ଷି ଜିଲ୍ଲାରୁ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମବାୟ ଏକ ସେତୁ ସଦୃଶ କାମ କରିବ ବୋଲି ଆଲୋକପାତ କରିବା ସହ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ "ନାରୀ ସଶକ୍ତିକରଣରେ ସମବାୟର ଭୂମିକା" ଉପରେ ଦିଗ୍ ଦର୍ଶନ କରିବା ସହିତ ବଲାଙ୍ଗିର ଜିଲ୍ଲାର ସମସ୍ତ ବିଭାଗ ମିଳିମିଶି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବିକେଏନ୍? ଦୁଗ୍ଧ ସଂଘର ସଭାପତି ଶ୍ରୀମତୀ ସୀମା ପଟେଲ ଏବଂ ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସ୍ମାରକ ରଞ୍ଜନ ମିଶ୍ର ଯୋଗଦେଇ ମହିଳାମାନଙ୍କ ଉନ୍ନତି ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବରେଣ୍ୟ ଅତିଥି ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଜିଲ୍ଲାମୁଖ୍ୟ ମତ୍ସ୍ୟ ଅଧିକାରୀ ଉମେଶ କୁମାର ଧରୁଆ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଅଞ୍ଜନ କୁମାର ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ଦାସ, ଯୋଗାଣ ନିରୀକ୍ଷକ ଉଷାରାଣୀ ମହାନନ୍ଦ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁଶ୍ରୀ ଗୀତିକ୍ରୀଷ୍ଣା ନାୟକ ଯୋଗଦେଇ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସଂପୃକ୍ତ ବିଭାଗର ବିଭିନ୍ନ ସରକାରୀ ଯୋଜନାର ରୂପରେଖ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବରେ ସମବାୟ ସମିତି ସମୂହ ବଲାଙ୍ଗିରର ଉପନିବନ୍ଧକ ପ୍ରମୋଦ କୁମାର ବରିହା "ନାରୀ ସଶକ୍ତିକରଣ" ର ପରିପ୍ରେକ୍ଷୀରେ ସମବାୟ ସମିତିର ପରିଚାଳନା ପରିଷଦରେ ମହିଳାମାନେ ସକ୍ରିୟ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବଲାଙ୍ଗିର ମଣ୍ଡଳର ବରିଷ୍ଠ ସହକାରୀ ନିବନ୍ଧକ ଗାବ୍ରିଏଲ ସୋରେଙ୍ଗ, ପାଟଣାଗଡ ସହକାରୀ ନିବନ୍ଧକ ରଥ ହେମ୍ବ୍ରମ୍, ବଲାଙ୍ଗିର ସହକାରୀ ନିବନ୍ଧକ ରାଧାକୃଷ୍ଣ ମେହେର, ରବୀନ୍ଦ୍ର କୁମାର ପଣ୍ଡା ସହ ଉପସହକାରୀ ନିବନ୍ଧକ ଅମିତ ଟେଟେ ସମବାୟ ନିରୀକ୍ଷକ ନିମାଇଁ ଚରଣ ବେହେରା, ଗୋବିନ୍ଦ ବେହେରା, ବ୍ରବିମ୍ କୁମାର୍ ନାଏକ ଉପସ୍ଥିତ ଥିଲେ । ସମବାୟ ନିରୀକ୍ଷକ ସୁଶ୍ରୀ ସମିଧା ଅଗ୍ରୱାଲ ମଂଚ ପରିଚାଳନା କରିବା ସହ ଉପସହକାରୀ ନିବନ୍ଧକ ବିଶ୍ୱ ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବଲାଙ୍ଗିର ଜିଲ୍ଲାର କୋଣ ଅନୁକୋଣରୁ ପ୍ରାୟ ୩୦୦ରୁ ଅଧିକ ପରିଚାଳନା ସମିତିର ସଦସ୍ୟ ତଥା ପ୍ରାଥମିକ କୃଷି ସମବାୟ ସମିତିର ସଭ୍ୟସଭ୍ୟା ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ଏବଂ ଆଶୁତୋଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜିଲ୍ଲାର ଶ୍ରେଷ୍ଠ ଡ଼ବ୍ଲୁଏସଏଚଜି ହିସାବରେ ପୁରସ୍କୃତ କରାଯାଇଥିଲା।

# ସମ୍ବଲପୁର ଓରମାସ୍ ପକ୍ଷରୁ କ୍ରେତା-ବିକ୍ରେତା ସମ୍ମିଳନୀ

ସମ୍ବଲପୁର,୩୦/୩(ନିପ୍ର ) : ଓରମାସ୍, ସମ୍ବଲପୁର ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ କ୍ରେତା-ବିକ୍ରେତା ସମ୍ମିଳନୀର ସଫଳ ଆୟୋଜନ ହୋଇଯାଇଛି, ଯେଉଁଥିରେ କୃଷି ଓ ଅଣକୃଷି କାର୍ଯ୍ୟରେ ନିୟୋଜିତ ୮୦ ଜଣ ଏସ୍ଏଚ୍ଜି/ପିଜି/ଏଫ୍ପିଓ ସଦସ୍ୟ ଏକାଠି ହୋଇଥିଲେ। ଏହି ବୈଠକ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଏବଂ ବଜାର ସଂଯୋଗ ସ୍ଥାପନ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପାଲଟିଛି । ଏଥିରେ ଆନନ୍ଦ ସୁପର ବଜାର, ଭିଲେଜ କ୍ରାଫ୍ଟ, ହିନ୍ଦୁସ୍ତାନ ସେଲ୍ସ, ପ୍ରଣାମ ଭେଂଚର୍ସ, ମୁନିକୋ, ସାକ୍ଷୀ ହସ୍ତତନ୍ତ ଓ ମେଟାକାନି ଆଗ୍ରୋ ଭଳି ୭ଟି ପ୍ରତିଷ୍ଠିତ କ୍ରେତା ଅଂଶଗ୍ରହଣ କରିଥିଲେ। ମାର୍କେଟିଂ ଟାଇ-ଅପ୍ ଗୁଡ଼ିକୁ ସୁଗମ କରାଯାଇଥିଲା, ଯାହା ଏସଏଚଜି ଏବଂ ଏଫପିଓ ସଦସ୍ୟମାନଙ୍କ ପାଇଁ ଉତମ ବଜାର ପ୍ରବେଶ ସୁନିଶ୍ଚିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ଉଦଘାଟନ କରିଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ଓରମାସର ସିଇଓ ଶ୍ରୀମନ୍ତ ହୋତା, ବିଏମ୍-ଟିଡିସିସି ଅଜୟ ସାହୁ, ଡିପିଏମ୍-ଓଏଲ୍ଏମ୍ ସଞ୍ଜୟ କୁମାର ମହାପାତ୍ର, ଡିପିସି-ମିଶନ ଶକ୍ତି ଭାରତୀ ବେସ୍ରା, ଏଏଚ୍ଓ, ହସ୍ତତନ୍ତ ସୁପରଭାଇଜର ଓ ଡିପିସି-ଓଏଫ୍ଏସ୍ଡିପି ପ୍ରକଳ୍ପ ତୁଷାରକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । କ୍ରେତା-ବିକ୍ରେତା ବୈଠକର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଉଦ୍ୟୋଗକୁ ସୁଦୃଢ଼ କରିବା, ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ପାଦକମାନଙ୍କୁ ସମ୍ଭାବ୍ୟ କ୍ରେତାଙ୍କ ସହ ଯୋଡ଼ି ଜୀବିକା ସୁଯୋଗ ବୃଦ୍ଧି କରିବା । ସମ୍ବଲପୁର ଓର୍ମାସ୍ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏଫ୍ପିଓମାନଙ୍କୁ ସ୍ଥାୟୀ ବଜାର ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ଜାରି ରହିବ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୩୦/୩(ନିପ୍ର ) :– କେନ୍ଦ୍ରାପଡ଼ା ସହର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଆଠଦିନ ବ୍ୟାପୀ ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦୃଢ ଆତ୍ମବିଶ୍ୱାସ ସହ ନକାରାତ୍ମକ ଚିନ୍ତାଧାରାକୁ ପରିତ୍ୟାଗ କରିପାରିଲେ ଛାତ୍ରୀମାନେ ନିଜର ସ୍ୱପ୍ନକୁ ସାକାର କରିବା ସହିତ ନିଜ ବାପା - ମା' ଙ୍କର ଅଭିଳଷକୁ ପୂରଣ କରିପାରିବେ ବୋଲି ମୁଖ୍ୟ ଅତିଥି କେନ୍ଦ୍ରାପଡ଼ା ସହର ଥାନାର ଆଇ.ଆଇ.ସି ଶ୍ରୀଯୁକ୍ତ ଦିଲ୍ଲିପ୍ କୁମାର ସାହୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ତଥା ଶିକ୍ଷକ ପରିଷଦର ସମ୍ପାଦକ ଡ଼ଃ ମଥୁରୀ ଚରଣ ନାୟକ ଏବଂ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଜ୍ୟୋସ୍ନାମୟୀ ପତି ମଂଚ ମଣ୍ଡନ କରି ଆତ୍ମସୁରକ୍ଷା ତାଲିମ୍‌ର ଉପାଦେୟତା ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୁରିତା ମିଶ୍ର ୮ ଦିନ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। କ୍ରୀଡା ପ୍ରତିଯୋଗିତା ଶ୍ରୀମତୀ ସଂଯୁକ୍ତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସହାୟକ ବଳରାମ ବାରିକ ଓ ଗୌରାଙ୍ଗ ଚରଣ ବେହେରା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଲକ୍ଷ୍ମଣ ନାୟକ ସହୀଦ ଦିବସ ପାଳିତ

ମାଲକାନଗିରି,୩୦/୩(ନିପ୍ର) :ଆଜି ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଲକ୍ଷ୍ମଣ ନାୟକ ସହୀଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହୀଦଙ୍କ ପ୍ରତି ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସେମାନଙ୍କର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେବାକୁ କେବେ ଭୁଲି ନାହାନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, କୋରାପୁଟ ଜିଲ୍ଲାରେ ଭାରତଛାଡ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ନିର୍ଭୀକ ସଂଗ୍ରାମୀ ଜୀବନ ଓ ଅସୀମ ତ୍ୟାଗ ଏ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଦିନ ତାଙ୍କୁ ଭକ୍ତି ଓ ନତମସ୍ତକ ହେବାକୁ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶ୍ରୀ ଜେନା କହିଥିଲେ ଯେ, ଲକ୍ଷ୍ମଣ ନାୟକ ଜଣେ ସ୍ୱାଧିନତା ସଂଗ୍ରାମୀ ସହ ସମାଜ ସଂସ୍କାରକ ଥିଲେ। କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଠାରେ ୧୮୯୯ ନଭେମ୍ବର ୨୨ ରେ ଲକ୍ଷ୍ମଣ ନାୟକ ଜନ୍ମ ଗ୍ରହଣ କରିଥିଲେ। ନିଶା ନିବାରଣ, ବାଲ୍ୟ ବିବାହ, ଜାତି ପ୍ରଥା, ବଳି ପ୍ରଥା ଭଳି କୁସଂସ୍କାର ବିରୁଦ୍ଧ ରେ ସ୍ୱର ଉତୋଳନ କରିଥିଲେ। ସେହିପରି ଅଧ୍ୟାପିକା ଇନ୍ଦୁରେଖା ପଟ୍ଟନାୟକ, ଗାୟତ୍ରୀ ଜେନା ଓ ସାମ୍ବାଦିକ ରତ୍ନାକର ଦାଶ ମଧ୍ୟ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ।

# ଛତିଶଗଡ଼ ସୁକମାରେ ସଂଘର୍ଷ : ୧୬ ନକ୍ସଲ ନିହତ, ୨ ଯବାନ ଆହତ

ସୁକମା,୩୦/୩(ନିପ୍ର) : ଛତିଶଗଡ଼ ସୁକମା ଜିଲ୍ଲା କେରଲାପାଲ ଥାନା ଅଂଚଳରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ୧୬ ନକ୍ସଲ ନିହତ ହୋଇଛନ୍ତି । ୨ ଜଣ ଯବାନ ଆହତ ହୋଇଛନ୍ତି । ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ପୋଲିସ ଅଧିକ୍ଷକ କିରଣ ଚୌହାନ ଏନେଇ ସୂଚନା ଦେଇ କହିଛନ୍ତି ଯେ, ସୁକମା- ଦନ୍ତେୱାଡ଼ା ସୀମାରେ ଉପମପଲ୍ଲୀ କେରଲପାର ଅଂଚଳର ଜଙ୍ଗଲରେ ସୁରକ୍ଷାବଳ ସହିତ ହୋଇଥିବା ସଂଘର୍ଷରେ ୧୬ ଜଣ ନକ୍ସଲ ନିହତ ହୋଇଛନ୍ତି । ୨ ଜଣ ଯବାନ ଆହତ ହୋଇଛନ୍ତି । ନିହତ ନକ୍ସଲ ମାନଙ୍କ ଶବ ଜବତ କରାଯାଇଛି । ପୋଲିସ ଅଧିକ୍ଷକ କିରଣ ଚୌହାନଙ୍କ ମୁତାବକ, ସୁକମା ଜିଲ୍ଲା କେରଲାପାଲ ଥାନା ଅନ୍ତର୍ଗତ ଗୋଗୁଂଡାର ପାହାଡ଼ରେ ନକ୍ସଲ କମାଣ୍ଡର ଜଗଦିଶ ଓ ଅନ୍ୟ ନକ୍ସଲ ମାନେ ରହିଥିବା ନେଇ ସୂଚନା ମିଳିଥିଲା । ଏହାପରେ ୨୮ ତାରିଖ ସଂନ୍ଧ୍ୟାରେ ସୁକମା ଡିଆରଜି ଏବଂ ସିଆରପିଏଫ ର ମିଳିତ ପୋଲିସ ପାର୍ଟି ନକ୍ସଲ ବିରୋଧୀ ସର୍ଚ୍ଚ ଅଭିଯାନ ନିମନ୍ତେ ବାହାରିଥିଲେ । ଗୋଗୁଂଡାରେ ଉଚ୍ଚ ପର୍ବତ ମାନ ରହିଥିବା ବେଳେ ଏହି ଅଂଚଳକୁ ନକ୍ସଲ ମାନେ ସବୁଠୁ ସୁରକ୍ଷିତ ସ୍ଥାନ ବାଛି ନେଇଥାନ୍ତି । ଏହି ପାହାଡ଼କୁ ଯବାନ ମାନେ ରାତିସୁଦ୍ଧା ଘେରି ଯାଇଥିଲେ । ଶନିବାର ସକାଳେ ଉଭୟ ପକ୍ଷରୁ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ସଂଘର୍ଷ ପରେ ଘଟଣାସ୍ଥଳରେ ତଲାସୀ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସହିତ ୧୬ ଜଣ ନକ୍ସଲଙ୍କ ଶବ ଜବତ ହୋଇଛି । ଏହି ସଂଘର୍ଷରେ ଡିଆରଜି ର ୨ ଜଣ ଯବାନ ଆହତ ହୋଇଛନ୍ତି । ସେମାନେ ବର୍ତମାନ ବିପଦମୁକ୍ତ ରହିଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ଘଟଣାସ୍ଥଳରୁ ବିପୁଳ ମାତ୍ରାରେ ଏ.କେ. ୪୭, ଏସଏଲଆର, ଇନସାସ ରାଇଫଲ, .୩୦୩ ରାଇଫଲ, ରକେଟ୍ ଏବଂ ବିଜିଏଲ ଲଂଚର୍ ଅସ୍ତ୍ରଶସ୍ତ୍ର ସମେତ ବିସ୍ଫୋଟକ ପଦାର୍ଥ ଜବତ ହୋଇଛି । ଘଟଣାସ୍ଥଳରେ ତଲାସୀ ଜାରି ରହିଛି ।

# ନୀଳଗିରି ଉପଖଣ୍ଡ ଓକିଲସଂଘର ବଡ ନିଷ୍ପତ୍ତି

## ପ୍ରତ୍ୟେକ ମାସର ଶେଷ ଶନିବାର ନିଶୁଳ୍କ ଆଇନସେବା ଯୋଗାଇ ଦିଆଯିବ




ନୀଳଗିରି,୩୦/୩(ନିପ୍ର ) : ରାଜ୍ୟର ସମସ୍ତ ଓକିଲସଙ୍ଘର ନିର୍ବାଚନ ସରିଛି ।ଏହି ପରିପ୍ରେକ୍ଷୀରେ ନୀଳଗିରି ଉପଖଣ୍ଡ ଓକିଲସଂଘର ସମସ୍ତ ଆଇନଜୀବି ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସଂଘ କାର୍ଯ୍ୟଳୟରେ ଅନୁଷ୍ଠିତ ହୋଇଯାଇଛି ।୨୦୦୦-୨୦୦୧ମସିହାରେ ଗଠିତ ଏହି ସଂଘ ଦୀର୍ଘ ୨୫ବର୍ଷଧରି ନିରନ୍ତର ଭାବେ ସହମତି ଭିତ୍ତିରେ ଏହାର ସମସ୍ତ କାର୍ଯ୍ୟକର୍ତ୍ତା ଚୟନ ହୋଇଆସୁଥିବା ବେଳେ ଚଳିତବର୍ଷ ମଧ୍ୟ ଏହିଧାରା ଜାରି ରହିଥିଲା। ନିୟମକାନୁନ ଅନୁଯାୟୀ ଏହାର ପ୍ରତ୍ୟେକ ପଦବୀ ପାଇଁ ନିର୍ବାଚନ ହୋଇଥିଲେ ହେଁ ସଭାପତି ଠାରୁ ସଦସ୍ୟ ପର୍ଯ୍ୟନ୍ତ ସମସ୍ତ ପଦବୀ ନିର୍ଦ୍ୱନ୍ଦରେ ମନୋନୀତ କରାଯାଇଥିଲା। ଯାହା ସମଗ୍ର ଓଡ଼ିଶା ଓକିଲ ସଂଘରେ ବିରଳ। ବରିଷ୍ଠ ଆଇନଜୀବି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦୀର୍ଘ ୨୫ବର୍ଷଧରି ଲଗାତାର ସଂଘର ସଭାପତି ପଦରେ ନିର୍ବାଚିତ ହୋଇଆସୁଥିବା ବେଳେ ଏହାର ସମସ୍ତ କାର୍ଯ୍ୟକର୍ତ୍ତା ମଧ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଉଥିବା ଏହି ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଫକୀରମୋହନଙ୍କ ଦେୱାନୀ ସମୟରେ ୧୮୮୧ ମସିହାରେ ନିର୍ମିତ ବର୍ତ୍ତମାନର ନୀଳଗିରି ଉପଖଣ୍ଡ ଓକିଲସଂଘ କାର୍ଯ୍ୟାଳୟଟି ୧୫୦ବର୍ଷରୁ ଉର୍ଦ୍ଧ୍ୱବର୍ଷ ବିତିଯାଇଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଇ ନାହିଁ। ଫଳରେ ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏବଂ ଆଇନଜୀବିଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଉକ୍ତ ଗୃହର ନବୀକରଣ ଆବଶ୍ୟକ ହୋଇପଡିଛି। ତେଣୁ ସଂଘ ଏକ ନୂତନଗୃହ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଏବଂ ସାଂସଦ ପାଣ୍ଠିରୁ ଅର୍ଥମଞ୍ଜୁର କରିବା ପାଇଁ ନିବେଦନ କରାଯାଇଥିବା ସୂଚନା ଦେଇଛନ୍ତି। ଏହାବ୍ୟତୀତ ସଂଘକୁ ୨୫ବର୍ଷ ବିତିଯାଇଥିବାରୁ ଏହି ଉପଲକ୍ଷେ ରୌପ୍ୟଜୟନ୍ତୀ ପାଳନ କରାଯିବାର କାର୍ଯ୍ୟକ୍ରମ ହାତକୁ ନେଇଥିବା ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ସର୍ବୋପରି ସଂଘ ପ୍ରତ୍ୟେକ ମାସର ଶେଷ ଶନିବାର ନିଶୁଳ୍କ ଆଇନସେବା ଓ ପରାମର୍ଶ ଯୋଗାଇଦେବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଉପସଭାପତି ଗୌରହରି ବେହେରା ଓ ଯତୀନ୍ଦ୍ର ନାୟକ, ସମ୍ପାଦକ କିଶୋର କୁମାର ଦାସ, ସହସମ୍ପାଦକ ବିଘ୍ନେଶ୍ୱର ବାରିକ ଓ ସୁରେଶ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଦସ୍ୟ ଜୟନ୍ତ କୁମାର ସ, ପ୍ରଶାନ୍ତ କୁମାର ମଲ୍ଲିକ, ତନୟ ପାତ୍ର, ଶାନ୍ତିଲତା ମିଶ୍ର, ତନୁସ୍ମିତା ମଲ୍ଲିକ ଏବଂ ସଂଘର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଶୃଙ୍ଖଳା ପଡିଛି ଧାମନଗରର ଜୀବନରେଖା ରେବ ନଦୀ, ଅଧାପନ୍ତରିଆ ଶଯ୍ୟା ଖନନ ଯୋଜନାରେ ଖର୍ଚ୍ଚ ହେଲାଣି ୯ କୋଟି

ଭଦ୍ରକ,୩୦/୩ (ନିପ୍ର ) : ଭଦ୍ରକ ଜିଲ୍ଲା ଧାମନଗରବାସୀଙ୍କ ଜୀବନରେଖା ରେବ ନଦୀ ଏବେ ତାର ପୂର୍ବ ସ୍ଥିତି ହରାଇ ଶୃଙ୍ଖଳା ପଡିଛି ।ଏହି ନିର୍ବାଚନ ମଣ୍ଡଳୀ ଦେଇ ପ୍ରବାହିତ ରେବର ଖନନ କାର୍ଯ୍ୟ ପାଇଁ ଏ ଯାବତ 'ନଦୀ ସଂସ୍କାର' ଯୋଜନାରେ ପ୍ରାୟ ୯ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ହୋଇ ଥିଲେବି ତାହା ଅଧାପନ୍ତରିଆ ଅବସ୍ଥାରେ ମୃତବତ ଭାଗ୍ୟକୁ ନିନ୍ଦୁଛି। ଫଳରେ ନଦୀ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ମଧ୍ୟରେ ଏବେ ଭାଳେଣି ପଡିଛି। ମତ୍ସ୍ୟଜୀବୀଙ୍କ କୁଳ ବେଉସା ମଧ ବୁଡ଼ିଯିବାକୁ ବସିଲାଣି। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ନନ୍ଦିପଦାରୁ ଅଂଚଳରୁ ଛୋଟିଆ ନାଳ ଭଳି ବାହାରିଥିବା ରେବ ନଦୀଟି ବନ୍ତ, ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଧାମନଗର ବ୍ଲକ୍‌ର ଦଲପୁରରେ ପ୍ରବେଶ କରିଛି। ପାଖାପାଖି ୨୨ କିମି ଧାମନଗର ବ୍ଲକ୍‌ରେ ପ୍ରବାହିତ ହେବାପରେ ତିହିଡ଼ି ବ୍ଲକ୍ ଶ୍ୟାମସୁନ୍ଦରପୁର ଦପାନାୟକାଣିରେ ଗେଙ୍ଗୁଟି ନଦୀରେ ମିଶିଛି ।ଉକ୍ତ ନଦୀର ଦୈର୍ଘ୍ୟ ପ୍ରାୟ ୫୨ କିମି ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୫ଟି ବ୍ଲକ୍‌ର ପ୍ରାୟ ୯ ଶହ ଗାଁର ଲୋକେ ଏହା ଉପରେ ନିର୍ଭର କରନ୍ତି। ଧାମନଗର ବ୍ଲକର ଦଇପୁର, ଚୁଡ଼ାକୁଟି, କଲ୍ୟାଣୀ, ଗୋବିନ୍ଦପୁର, ଅସୁରାଳି, ଫତେପୁର, କାଶିନ୍ଦପୁର ଆଦି ପଂଚାୟତର ପ୍ରାୟ ୧୦ରୁ ଅଧିକ ଗ୍ରାମର ୫ ହଜାର ଚାଷୀ ଏହାର ଜଳ ଉପରେ ନିର୍ଭର କରନ୍ତି। ନଦୀର ଉଭୟ ପାର୍ଶ୍ୱରେ ପ୍ରାୟ ୭ ଶହ ହେକ୍ଟରରୁ ଅଧିକ ଜମିରେ ଧାନ, ମୁଗ, ବିରି ସମେତ ରବି ଋତୁରେ ପନିପରିବା ଚାଷ ହୋଇଥାଏ । ମାତ୍ର ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ଏହି ନଦୀ ଶୁଖିବାକୁ ବସିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ନିଜ ଚାଷକୁ କେମିତି ବଂଚାଇ ରଖିବେ, ସେହି ଚିନ୍ତାରେ ପଡ଼ିଛନ୍ତି ଚାଷୀ । ଅନ୍ୟପକ୍ଷରେ, ନଦୀ ସଂସ୍କାର ଯୋଜନାରେ ପ୍ରାୟ ୧୨ ବର୍ଷ ପୂର୍ବେ ରେବ ନଦୀ ଶଯ୍ୟା ଖନନ କରାଯାଇଥିଲା । ଏନେଇ ପ୍ରାୟ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ସେବେଠାରୁ ଏଥିପ୍ରତି କେହି ଧ୍ୟାନ ଦେଉ ନଥିବାରୁ ଅଧିକାଂଶ ସ୍ଥାନରେ ଘାସ, ଦଳ, ଆବର୍ଜନା ଜମି ରହି ନଦୀଗର୍ଭ ପୋତି ହୋଇଗଲାଣି ।ନଦୀ ଖନନ ସମୟରୁ ଆଡ଼ିବନ୍ଧ ମୁକୁଳା ପଡ଼ିଛି। ଫଳରେ ବର୍ଷାଦିନେ ବନ୍ୟା ପାଣି ଗୋବିନ୍ଦପୁର, କଲ୍ୟାଣୀ, ଚୁଡାକୁଟି, ଅସୁରାଳି, ଦଇପୁର ଆଦି ପଂଚାୟତରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛି। ସେହିପରି କାକୁଡ଼ିଗଡ଼ିଆରେ ରେବ ନଦୀରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ ହେଲେ ବହୁ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି ।ଏ ନେଇ ଭଦ୍ରକ ଜଳ ନିଷ୍କାସନ (ଡ୍ରେନେଜ୍) ବିଭାଗ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ଖୁବ୍ ?ଶୀଘ୍ର କ୍ଷେତ୍ରୀୟ ତଦନ୍ତ ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ବାଲିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଭଦ୍ରକ,୩୦/୩(ନିପ୍ର ) : ଘଂଟେଶ୍ୱର ସ୍ଥିତ ବାଲିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତିବର୍ଷ ଭଳି ଏ ବର୍ଷ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପାଳିତ ହୋଇଛି ସ୍କୁଲର ବାର୍ଷିକ ଉତ୍ସବ ସହ ପୁରସ୍କାର ବିତରଣ ଉତ୍ସବ । ଛାତ୍ର ଛାତ୍ରୀ ମାନଙ୍କୁ ଉତମ ଶିକ୍ଷା ଏବଂ ମନୋରଞ୍ଜନ ପାଇଁ ରାଜ୍ୟ ସରକାର ଙ୍କ ଏଭଳି ଏକ ନିଆରା ପଦକ୍ଷେପକୁ ଅଭିଭାବକ ଏବଂ ଅଂଚଳ ବାସି ସ୍ୱାଗତ ଜଣାଇଛନ୍ତି । ଆଜିର ଏହି ବାର୍ଷିକ ଉତ୍ସବରେ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ରୀନା ମହାଳିକ ସଭାପତି କରିଥିବା ବେଳେ ବିଦ୍ୟାଳୟର ଚେୟାରମ୍ୟାନ ରମାକାନ୍ତ ନାୟକ, ଶିକ୍ଷୟତ୍ରୀ ଅନୁସୟା ସାହୁ, ଜୟନ୍ତ୍ୱାଳା ସାହୁ, ଅଭୟ ରାଉତ, ଚିତ ରଞ୍ଜନ ପୋଥାଳ, ଉମାକାନ୍ତ ନାୟକ ଥିଲ ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁ, ନିରଞ୍ଜନ କର ପ୍ରମୁଖ ଉପସ୍ଥିତ ରହିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ନୀଳଗିରିର କୁଳଡିହାରେ ୫୧ତମ ଫେସବୁକ କବିତା ଆସର



ନୀଳଗିରି - ୩୦/୩, (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଏକମାତ୍ର ବନ୍ୟଜନ୍ତୁ ଅଭୟାରଣ୍ୟ କୁଳଡିହାକୁ ନେଇ ପ୍ରଥମ ଥର ପାଇଁ ବାଲେଶ୍ୱରର କବିମାନେ କବିତା ପାଠ କଲେ। ବାଲେଶ୍ୱର ଫେସବୁକ କବି ପରିବାର ଓ କୁମ୍ଭକ୍ଷେତ୍ରର ମିଳିତ ସହଯୋଗରେ ୫୧ତମ ଫେସବୁକ କବିତା ଆସର ପ୍ରକୃତି ଓ ସଂସ୍କୃତିର ଶ୍ରୀକ୍ଷେତ୍ର କୁମ୍ଭକ୍ଷେତ୍ରରେ ଆୟୋଜନ କରାଯାଇଥିଲା। ଏହି ଆସରକୁ ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଓ ପ୍ରାକ କଥନ ରଖିଥିଲେ ଫେସବୁକ କବିତା ଆସରର ଆବାହକ ଶିଳ୍ପୀ କେଶୁଦାସ। ମୁଖ୍ୟ ଅତିଥି ଭାବରେ କବି ଯଶୋଧାରା ଦାସ ଓ ମୁଖ୍ୟ ବ୍ୟକ୍ତା ଭାବରେ କବି ଶ୍ରୀଦେବ ଯୋଗ ଦେଇ କୁଳଡିହାର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଲୋକକଥା ଓ ଲୋକ ସଂସ୍କୃତି ର ଗନ୍ତାଗାର ବୋଲି ମତବ୍ୟକ୍ତ କରିଥିଲେ । କବିତା ସଂଯୋଜକ ଭାବରେ କବି ଗଗନ ସେଠୀ ଓ କବି ମଧୁସୂଦନ ମିଶ୍ର କବିତା ସଂଯୋଜନା କରିଥିଲେ । ଏଥିରେ ସ୍ଥାନୀୟ ନିମନ୍ତ୍ରିତ କବି ଭାବରେ ସୁଭାଷିନୀ ଜୀ , ଗଙ୍ଗାଧର ଦାସ, ବାମନ ମହାନ୍ତି, ମନୋରଞ୍ଜନ ପ୍ରଧାନ, କମଳ ଲୋଚନ ପଣ୍ଡା ଯୋଗ ଦେଇ ଥିବା ବେଳେ କବି ବିକର୍ତ୍ତନ ନାୟକ, ସତ୍ୟଭାମା ମୁଦୁଲି, ସୁବ୍ରତା ମହାନ୍ତି, ପଦ୍ମଲୋଚନ ପ୍ରଧାନ, ପ୍ରଭାତ ଆଚାର୍ଯ୍ୟ, ସୁଧାକର ସେଠୀ, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ଶମ୍ଭୁନାଥ ପାଳ, ଝରଣା ମଲ୍ଲିକ, ରଞ୍ଜିତ ବେହେରା, ପ୍ରତିମା ପଣ୍ଡା, ପ୍ରଣିତା ମିଶ୍ର, ଅବନ୍ତି ପ୍ରଧାନ ପ୍ରମୁଖ ଯୋଗ ଦେଇ କୁଳଡିହାର ଗୁଣଗାନ କରିଥିଲେ । ଶିଳ୍ପୀ କେଶୁଦାସ ରେଖାରେ ରେଖାରେ ଡୁମେଇ ରଣାର ଚିତ୍ର ଅଙ୍କିଥିବା ବେଳେ ଅଙ୍କିତ ଦାସ ଓ ଯଶଶ୍ରୀ ସ୍ୱାଇଁ କୁଳଡିହା କଳା ମୁଗୁନି ପଥରର ବାସନ ଓ କୋଣାର୍କ ସୂର୍ଯ୍ୟମନ୍ଦିରର ଚିତ୍ର ଆଙ୍କି କୁଳଡିହାର ଐତିହାସିକ ଗାଥା ବର୍ଣ୍ଣନା କରିଥିଲେ। ଶେଷରେ ସ୍ଥାନୀୟ ଯୁବ କବୟିତ୍ରୀ ହେମଲତା ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ବିଧବା ମା’ ‘ମିନି’



ଉଦଳା, ୩୦/୦୩ (ନି.ପ୍ର)-ୟେ ହେଉଛି ଉଦଳା ବ୍ଲକର କୋଚିଲା ଡ଼ିହା ପଂଚାୟତ ଅନ୍ତର୍ଗତ ଡ଼ିମଗଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗୋବିନ୍ଦ ହେମ୍ବ୍ରମଙ୍କର ଆଜକୁ ଦୁଇବର୍ଷ ତଳେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ସହଧର୍ମିଣୀ ମିନି ଟୁଡୁ ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଏତିକି ବେଳେ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇ ଦେଉଥିବା ଭତା ଓ ଖାଦ୍ୟ ଯୋଜନାରେ ଚାଉଳ ସବୁକିଛି ପାଇବାରୁ ବିଧବା ମା’ ‘ମିନି’ ବଂଚିତ ଅଛନ୍ତି । ଏଥିପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ୍ୟ କୌଣସି ସୁଫଳ ପାଇପାରି ନଥିବାର କଥା ଅଭିଯୋଗ କରିଛନ୍ତି । ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର ଓ ଆଧାର କାର୍ଡ଼ ସବୁକିଛି ଠିକ୍ ଠାକ୍ ଥିବା ସତ୍ତ୍ୱେ ବିଧମା ମା’ ‘ମିନି’ କାହିଁକି ଖାଦ୍ୟ ଓ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଭତା ପାଇପାରୁ ନାହାଁନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପ୍ରବଳ ଗ୍ରୀଷ୍ମ ପ୍ରଭାହ ମଧ୍ୟରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ : ସଭା ସ୍ଥଳରେ ଚେତା ହରାଇଲେ ମହିଳା



ବାଲିଆପାଳ ୩୦/୩(ନି.ପ୍ର) ରାଜ୍ୟରେ ନୂତନ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ରବିବାର କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଏବିଡ଼ିଓ ଶରତ ଚନ୍ଦ୍ର ମୁଦୁଲିଙ୍କ ଅଧକ୍ଷତାରେ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ଅଣ୍ଡିଆ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ସାଇଶ୍ରୀ ଲୋକନାଥ ସେଠୀ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟମୁକୁଲ ବାରିକ ପ୍ରମୁଖ ଉପସ୍ଥିତ ରହି ୨୮ଟି ପଞ୍ଚାୟତର ୧୫୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମର ପ୍ରସାରଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲା ରେ ଏହି କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଦିନ ୧୦ ଟା ୩୦ ମିନିଟ ସମୟରେରେ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଥିବା ବେଳେ ଦିନ ୧୧ଟା ୩୦ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଶାସନ ପକ୍ଷରୁ ସଠିକ୍ ଭାବେ ପ୍ରଚାର ପ୍ରସାର କରାଯାଉ ନାହିଁ ବୋଲି ଉପାଧକ୍ଷ ନିଜ ବକ୍ତବ୍ୟରେ କହିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରଭାବ ଜାରି ରହିବାରୁ ଘଟଣା ସ୍ଥଳରେ କଣ୍ଟାବଣି ଗ୍ରାମର ୫୦ ବର୍ଷୀୟ ଯମୁନାମଣି ଜେନା ଚେତା ହରାଇଥିଲେ ଏବଂ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ଆବଶ୍ୟକ ସଂଖ୍ୟକ ଫ୍ୟାନର ବ୍ୟବସ୍ଥା ହୋଇନଥିଲା, ଯାହା ଫଳରେ ଲୋକେ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହୋଇଥିଲେ। ଯାହାକି ବ୍ଲକ ପ୍ରଶାସନର ଖାମଖିଆଲି ନୀତି ବୋଲି ଦର୍ଶାଉଛି ।

## ପୂର୍ଣ୍ଣ ସମପର୍ଣ ଈଶ୍ୱର ପ୍ରାପ୍ତିର ମୁଖ୍ୟ ମାର୍ଗ



‘ବାଲିଆପାଳ, ୩୦/୩(ନି.ପ୍ର) ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଅବଚ୍ଛେଦ୍ୟ। କେବେ ଭକ୍ତ ବଡ ହୋଇଥାଏ ତ କେବେ ଭଗବାନ। ଭକ୍ତର ଭାବର ଡୋରରେ ବନ୍ଧା ଚିରକାଳ ଭାବର ଠାକୁର। ସେ ଭକ୍ତ ପୂର୍ଣ୍ଣ ସମର୍ପଣରେ ସୂକ୍ଷ୍ମ ଭାବେ ଦର୍ଶନ ଦିଅନ୍ତ। ସକଳ ଦୁର୍ଦ୍ଦିନରୁ ମୁକ୍ତି ପାଇବାକୁ ହେଲେ ତାଙ୍କୁ ଯେବେ ଭକ୍ତ ପୂର୍ଣ୍ଣ ମନ ପ୍ରାଣରେ ଆକୁଳ ପ୍ରାର୍ଥନା କଲେ ସେତେ ବେଳେ ସେ ପରୋକ୍ଷରେ ଭକ୍ତର ଦୁଃଖ ମୋଚନ କରନ୍ତି। ଭକ୍ତ ଓ ଭଗବାନ ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତାମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି । ବାଲିଆପାଳ ବରିଷ୍ଠ ନାଗରିକ ମଂଚ ପରିସରରେ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଡ.କାଳୀପଦା ପଣ୍ଡା ପୌରହିତ୍ୟ କରିଥିଲେ । ପ୍ରାରମ୍ଭରେ ଗୀତିକାର ସୁଦର୍ଶନ କର ଓ ବର୍ଷା ପ୍ରିୟଦର୍ଶନୀ ମହାପାତ୍ର ଜଗନ୍ନାଥ ଜଣାଣ ଗାନ କରିଥିଲେ। ଆବାହକ ଝାଡେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବରେ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ପୂଜ୍ୟପୂଜା ସଂସଦ ତଥା କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ଓଡିଶାର ସଂପାଦକ ରମାକାନ୍ତ ମିଶ୍ର ଏବଂ ନାଟ୍ୟକାର ବିଜୟ କୁମାର ମହାନ୍ତି ସମ୍ମାନୀତ ଅତିଥି ଭାବେର ଯୋଗ ଦାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଆରତୀକରଙ୍କ ଦ୍ୱାରା ରଚିତ ପୁସ୍ତକ “ଅନନ୍ୟ କବି ପ୍ରସାଦ”ଏବଂ ବିଜୟ କୁମାର ମହାନ୍ତିଙ୍କ ଦ୍ୱାରା ରଚିତ “ଶରଣ ଶ୍ରୀକ୍ଷେତ୍ର” ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆଗାମୀ ମେ ୧୦ ତାରିଖରେ ହେବାକୁ ଥିବା ଧର୍ମ ଓ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦାନ କରିବା ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ବଙ୍କିମ ଚନ୍ଦ୍ର ଜେନା ଏବଂ ସାରସ୍ୱତ ସାଧକ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଭୁବନେଶ୍ୱରରୁ ଆସିଥିବା ଅତିଥିମାନେ ମଂଚରେ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ କବି ସରୋଜ କୁମାର ଦାସ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ସ୍ନେହଲତା ନାୟକ, ସରିତା ମହାନ୍ତି, ଶଚୀନ୍ଦ୍ର ନନ୍ଦୀ, ନଳୀନୀକାନ୍ତ ପାଢୀ, ଅଧ୍ୟାପକ ଦୟାନିଧି ସାହୁ, ନିରଞ୍ଜନ ବେହେରା,ଭୀମ ବେହେରା, ବିଜୟ କୁମାର ପାତ୍ର, କବି କାଳୀକିଙ୍କର, ସୌଭାଗିନୀ ମିଶ୍ର, ସ୍ୱାଗତିକା ପିଳା, ମମତା ପିଳା, ରାଜଶ୍ରୀ ପ୍ରାଣୀଗ୍ରାହୀ ବିଦ୍ୟୁତ ପ୍ରଭା ସାମଲ, ଗୁରୁପ୍ରସାଦ ଜେନା, ଗିରିଧାରୀ ଭୂୟାଁ, ପ୍ରକାଶ ଚନ୍ଦ୍ର ପ୍ରଧାନ, କାର୍ତିକ ଚନ୍ଦ୍ର ରାଉତ ପ୍ରମୁଖ ବହୁ କବି କବୟିତ୍ରୀ ତଥା ବୁଦ୍ଧିଜୀବି ମାନେ ଯୋଗ ଦେଇଥିଲେ । ଶେଷରେ ଡାକ୍ତର ବଙ୍କିମ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅପର୍ଣ କରିଥିଲେ ।

## ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

### ୧୮୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ



ଖଇରା,୩୦।୩ (ନି.ପ୍ର) ବାଲେଶ୍ୱର ଜିଲା ଖଇରା ବ୍ଲକ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇ ଯାଇଛି । ପ୍ରଥମେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ଦୃଶ୍ୟକୁ ଲୋକପ୍ରତିନିଧି, ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ,ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ଦେଖିଥିଲେ । ଆୟୋଜିତ ସଭାରେ ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ପୁର୍ବତନ ସମିତି ସଭ୍ୟ କୈଳାସ ଚନ୍ଦ୍ର ମାଝୀ,ବର୍ତ୍ତନା ସମିତିସଭ୍ୟ ପ୍ରତିନିଧି ପତିତପାବନ କର,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ନିଜ ବକ୍ତବ୍ୟରେ ସରକାରଙ୍କ ଏହି ଯୋଜନାକୁ ପ୍ରଶଂସା କରିବା ସହ ଏହି ଅବହେଳିତଙ୍କୁ ସହାୟତା ଦେବ ବୋଲି କହିଥିଲେ । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିର୍ବାଚନ ପୂର୍ବରୁ ଯାହା ପ୍ରତିଶୃତି ଦିଆଯାଇଥିଲା ୮ମାସ ମଧ୍ୟରେ ସରକାର ଅନେକ ପ୍ରତିଶୃତି ପୁରଣ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବିଧାୟକ ୧୮୩ଜଣ ଦିବ୍ୟାଙ୍ଗ,ବିଧବା,ଘରପୋଡି ଓ ବନ୍ୟା ବିପନ୍ନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ,ମୁଖ୍ୟକିରାଣୀ ବ୍ରହ୍ମାନନ୍ଦ ଦାଶ,ସିପି ଶଶିକାନ୍ତ ଦାସ,କିରାଣୀ ଅନନ୍ତ କୁମାର କୁଅଁର ଙ୍କ ସମେତ ସମସ୍ତ ଯନ୍ତ୍ରୀ,କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଘରେ କେହି ନଥିବାରୁ ସୁଯୋଗ ନେଇ ଚୋରି

ଜୟପୁର,୩୦/୩(ନିପ୍ର ) :ଜୟପୁର ଲିଙ୍ଗରାଜ ନଗରରେ ଚୋରି । ଏନେଇ ସୂଚନା ପାଇ ଘର ମାଲିକ ତପନ ମହପାତ୍ର ପହଂଚି ଜୟପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଘର କେହି ନଥିବାର ସୁଯୋଗ ନେଇ ଦୁର୍ବୃତ ମାନେ ଘରେ ପଶି ଚୋରି କରିଛନ୍ତି । ବାହାରେ ତାଲା ପଡିଥିବା ବେଳେ ଭିତରେ ଖୋଲା ଆଛି । ସ୍ଥାନୀୟ ବାସିନ୍ଦା ଦେଖି ଘର ମାଲିକଙ୍କୁ ସୂଚନା ଦେଇଥିଲେ । ଖବର ପାଇବା ପରେ ଘର ମାଲିକ ତପନ ମହାପାତ୍ର ପହଂଚି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅନ୍ତ୍ୟୋଦୟ ଗୃହଯୋଜନାର....

ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏଥିପାଇଁ ୭,୫୫୦ କୋଟି ଟଙ୍କା ବିନିଯୋଗ କରାଯିବ । ସୂଚନାଯୋଗ୍ୟ ଯେ, ବିଜୁ ପକ୍କା ଘର ଯୋଜନାରେ ୧୦ ବର୍ଷରେ ବହୁତ କମ ଘର ନିର୍ମାଣ ହୋଇଛି ।

ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ । ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ । କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ । ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ । ଏହା ସହିତ କର୍କଟ, କୁଷ୍ଠ, କିଡ଼ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଐଓଠ ପରି ଦୁରାବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍ ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ ‘ପରିବାର’ ଓ ‘ପକ୍କା ଘର’ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି । ଆଜବେସଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି । କେବଳ ସିମେଂଟ ଯୋଡେଇ କାନ୍ଥ ସହିତ ଆର.ସି.ସି. ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି । ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି ବୋଲି ସେ କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହୋଇଥିବା ଅଗ୍ରଗତି ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷରୁ ଅଧିକ ଘର ନିର୍ମାଣ ହୋଇସାରିଥିବା ବେଳେ ୪ ଲକ୍ଷ ଘର ନିର୍ମାଣାଧିନ ଅଛି । ଏହା ସହିତ ଜାନୁଆରୀ ୨୪ ତାରିଖରୁ ସର୍ଭେ ଆରମ୍ଭ ହେଇ ଏଥିରେ ଆହୁରି ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଘର ଯୋଗାଇଦେବା ପାଇଁ ତାଲିକାଭୁକ୍ତ କରାଯାଇଛି ।

### ପରମାଣୁ ବୋମାଠୁ ଶକ୍ତିଶାଳୀ...

୩ ଶହ ପରମାଣୁ ବୋମାର ଯେତିକି ଶକ୍ତି ଥାଏ, ତାହାଠାରୁ ଅଧିକ ଶକ୍ତିଶାଳୀ ଥିଲା ଏହି ଭୂମିକମ୍ପ । ଆମେରିକାର ଭୂତତ୍ତ୍ୱବିତ୍ କହିଛନ୍ତି ଯେ, ପ୍ରଳୟଙ୍କରୀ ଭୂମିକମ୍ପ ପ୍ରାୟ ୩୩୪ ଆଣବିକ ବୋମାର ଶକ୍ତି ଛାଡ଼ିଥିଲା । ଜେସ୍ ଫୋନେକ୍ସ ଆମେରିକୀୟ ଗଣମାଧ୍ୟମ ସିଏନଏସକୁ ଏକ ସାକ୍ଷାତକାରରେ ଏକଥା କହିଛନ୍ତି । ଫୋନେକ୍ସ ଆଶଙ୍କା କରିଛନ୍ତି ଯେ ଭୂମିକମ୍ପ ଜନିତ ମୃତ୍ୟୁ ସଂଖ୍ୟା ଆଗକୁ ବହୁତ ଅଧିକ ବଢ଼ିପାରେ। ଏପରିକି ଭୂମିକମ୍ପ ଜନିତ ମୃତ୍ୟୁ ସଂଖ୍ୟା ୧୦ ହଜାର ଛୁଇଁପାରେ । ଏହାସହ ଆଗକୁ ମଧ୍ୟ ପ୍ରଭାବିତ ଅଞ୍ଚଳରେ ପୁଣି ଭୂମିକମ୍ପ ହୋଇପାରେ । ମିଆଁମାରରେ ଭୂମିକମ୍ପରେ ୧୬ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ପ୍ରାୟ ୪ ହଜାର ଲୋକ ଆହତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି, ଭଗ୍ନାବଶେଷ ତଳେ ଅନେକ ପୋତି ହୋଇ ରହିଥିବା ଆଶଙ୍କା କରାଯାଉଛି ।

## ନାବାଳିକା ନିଖୋଜ ଅଭିଯୋଗ ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ

### ବସ୍ତା ଥାନା ସମ୍ମୁଖରେ ପରିବାର ଲୋକଙ୍କ ଧାରଣା




ବସ୍ତା,୩୦/୩(ନିପ୍ର ) :ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପୁରୁଷୋତ୍ତମପୁର ପଞ୍ଚାୟତ ର ଜଣେ ନାବାଳିକା ଅପହରଣ ଘଟଣା ରେ ଝିଅର ସମ୍ପର୍କୀୟ ମାନଙ୍କ ଦ୍ୱାରା ଥାନା ସମ୍ମୁଖରେ ଦୁଇ ଦିନ ହେବ ଧାରଣା ବସିଛନ୍ତି। ସୂଚନା ଅନୁସାରେ ଗତ ୧୭ ତାରିଖ ଭୋର୍ ସମୟ ରେ ଫୁଲ ତୋଳି ବା ପାଇଁ ଯାଇଥିବା ସମୟ ରେ ନା ବାଳିକା ଝିଅ ଜଣକ ପାଟି କରି ମାଆ ମାଆ ବୋଲି ଡାକିଥିଲା । ବାପା ଝିଅର ପାଟି ଶୁଣି ବାହାରକୁ ଆସି ଦେଖିଲେ ଯେ ଦୁଇ ଜଣ ମଟର ସାଇକେଲରେରେ ପଳେଇଗଲେ ।ଫୁଲ ତୋଳିବାକୁ ଯାଇଥିବା ଜାଗାକୁ ବାପା ଯାଇ ଦେଖିଲେ ଝିଅ ସେଠୀ ନାହିଁ କିନ୍ତୁ ପିନ୍ଧି ଥିବା ଭଙ୍ଗା ଚୁଡି ଓ ଦୁଇ ହଳ ଜୋତା ରହିଥିଲା । ସଙ୍ଗେସଙ୍ଗେ ପରିବାର ପକ୍ଷ ରୁ ଅନେକ ଖୋଜା ଖୋଜି ପରେ ଦିନ ଗୋଟାଏ ସମୟ ରେ ଅମର୍ଦ୍ଦା ଫାଣ୍ଡି ରେ ଲିଖିତ ଅଭିଯୋଗ କରାଯାଇଥିଲା । ଏନେଇ ବାରମ୍ବାର ସମ୍ପର୍କୀୟ ମାନେ ଥାନା କୁ ଆସି ଝିଅ ବିଷୟ ରେ ବୁଝି ବାକୁ ଚେଷ୍ଟା କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ତେବେ ଗତକାଲି ସନ୍ଧ୍ୟା ରେ ଗ୍ରାମବାସୀ ଓ ପରିବାର ଲୋକ ମାନେ ବସ୍ତା ଥାନା କୁ ଆସି ସମସ୍ତ ଆଲୋଚନା କରିଥିଲେ ମଧ୍ୟ ପୁଲିସ ର କାର୍ଯ୍ୟ ଉପରେ ସନ୍ଦେହ କରି ଶନିବାର ରାତି ରୁ ଥାନା ସମ୍ମୁଖ ରେ ଧାରଣା ଦେଇଛନ୍ତି। ଏବଂ ଯେତେ ପର୍ଯ୍ୟନ୍ତ ପୁଲିସ ଝିଅ କୁ ଖୋଜି ନ ଦେଇଛି ସେତେ ପର୍ଯ୍ୟନ୍ତ ଥାନା ସମ୍ମୁଖ ରେ ବସି ରହିବା ର ଚେତାବନୀ ଦେଇଛନ୍ତି। ଘଟଣା ସଂପର୍କରେ ବସ୍ତା ଥାନା ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ ଜାରି ରଖିଥିବା କହିଛନ୍ତି।

## ବିଶିଷ୍ଟ ସମାଜ ସେବୀଙ୍କ ଶୋକସଭା ପାଳିତ



ଲଙ୍ଗଳେଶ୍ୱର,୩୦/୩(ନିପ୍ର ) :ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର , ବିଶିଷ୍ଟ ସମାଜସେବୀ ଗୋପିନାଥ ଦାସଙ୍କ (୭୨) ବର୍ଷ ବୟସରେ ପରଲୋକ ହୋଯାଇଛି। ଏ ନେଇ କେଶୁଡିହା ଗ୍ରାମରେ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭାର ଆୟୋଜିତ କରାଯାଇଥିଲା। ଏହି ସଭାରେ ଶ୍ରୀ ଭଗବାନ ଗିରି ସଭାପତିତ୍ୱ କରିଥିବା ବେଳେ, ୨୨ ନମ୍ବର ଜୁନ୍ ର ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବିଜେଡି ବ୍ଲକ ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାଶ, ଅବସର ପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ରାଉତ, ବାଲିକୁଟି ପଞ୍ଚାୟତର ସରପଞ୍ଚ ପ୍ରତିନିଧି ରାଜେନ୍ଦ୍ର ଧୋଳ, ସମିତି ସଭ୍ୟ ପ୍ରତିନିଧି ବିମଳ ଲୋଚନ ଦେ, ଉପସ୍ଥିତ ହୋଇ ଗୋପିନାଥ ଦାସଙ୍କ ସମାଜ ପ୍ରତି ଅହେତୁକ ଅବଦାନକୁ ପ୍ରଶଂସା କରିଥିଲେ। ଲକ୍ଷ୍ମୀନାରାୟଣ ମନ୍ଦିର ପରିଚାଳନା କମିଟିର ସଭ୍ୟ ବିଦ୍ୟାଧର ଦାସ୍, ଜୟନାରାୟଣ ଦାସ୍, ସୁଶାନ୍ତ କୁମାର ବେହେରା, ବୈକୁଣ୍ଠ ଚରଣ ରାଉତ, ମୃତ୍ୟୁଞ୍ଜୟ ଦେ, ବଳରାମ ପ୍ରଧାନଙ୍କ ଉପସ୍ଥିତିରେ ହରେନ୍ଦ୍ର ଜେନା,ଓ ସୋରଜ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତ୍ୟୋଦୟ ଗୃହ କାର୍ଯ୍ୟକ୍ରମ ଉଦ୍ଘାଟିତ

ବେତନଟୀ ୩୦/୩ : ଅନ୍ତ୍ୟୋଦୟ ଗୃହ ଯୋଜନାକୁ ଭର୍ଚୁଆଲ ମୋଡ଼ ରେ ଶୁଭ ଉଦଘାଟନ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ। ଅନ୍ତ୍ୟୋଦୟ ଗୃହ ଯୋଜନା ବ୍ଲକ କାର୍ଯ୍ୟାଳୟ ରେ ବ୍ଲକସ୍ତରୀୟ ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଲେ ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି । ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଭର୍ଚୁଆଲ ବୈଠକରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତବିଜୁଳିଙ୍କ ସମେତ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ଉପାଧକ୍ଷ ଦେବଦତ୍ତ ତିଆଡ଼ି, ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା,୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ଯୁବସଂଗଠକ ଶାନ୍ତନୁ ପଣ୍ଡା, ଚନ୍ଦ୍ର ଶେଖର ବେରା, ସଂଜୀବ ଜେନା, ମନୋଜ ପଣ୍ଡା, ଅରୁପ ରଞ୍ଜନ ଲେଙ୍କା ପ୍ରମୁଖଙ୍କ ସମେତ ମିଶନଶକ୍ତି, ଓଡିଶା ଜୀବିକା ମିଶନ, ମହିଳା ଓ ଶିଶୁ ଉନ୍ନୟନ ବିଭାଗ ଭଳି ବିଭିନ୍ନ କାର୍ଯ୍ୟାଳୟରୁ ଶତାଧିକ ପୁରୁଷ ଏବଂ ମହିଳା ଅଂଶଗ୍ରହଣ କରିଥିଲେ। ବେତନଟୀ ବ୍ଲକ ଅଧୀନ ୨୪ଗୋଟି ପଞ୍ଚାୟତ ରୁ ଚିହ୍ନଟ କରାଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନୂତନଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ପରିଚାଳନାରେ ବେତନଟୀ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇ, ଯନ୍ତ୍ରୀ ଇଂ. ପ୍ରଶାନ୍ତ ବେହେରା ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ଆନ୍ତର୍ଜାତିକ ସମବାୟ ବର୍ଷ ଓ ବାର୍ଷିକ ସାଧାରଣ ସଭା ପାଳିତ

ଜଳେଶ୍ୱର,୩୦/୩ (ନି.ପ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତରେ ଥିବା ସେବା ସମବାୟ ସମିତି ଲି.ର ଚଳିତବର୍ଷ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ହୋଇ ଯାଇଛି। ଏହି ସମବାୟ ସମିତିର ତିନୋଟି ପଞ୍ଚାୟତର ୧୭ଟି ଗାଁକୁ ନେଇ ପରିଚାଳିତ। ଉକ୍ତ ବୈଠକରେ ତିନୋଟିଯାକ ପଞ୍ଚାୟତର ସମବାୟ ସମିତିର ଗ୍ରାହକ ଓ ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ। ବୈଠକର ସଭାପତିତ୍ୱ କରିଥିଲେ ସମବାୟ ସମିତିର ସଭାପତି ଶ୍ରୀଯୁକ୍ତ ଗଙ୍ଗାଧର ଦାସ। ମୂଖ୍ୟ ଅତିଥି ଭାବେ ରାଇବଣିଆ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ସନ୍ଦୀପ ନାରାଣ ଘୋଷ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ଶ୍ରୀଯୁକ୍ତ ଚିନ୍ମୟ କୁମାର ଘୋଷ ଉପସ୍ଥିତ ଥିଲେ। ସମବାୟ ସମିତିର ବାର୍ଷିକ ବିବରଣୀ ପାଠ ଉକ୍ତ ସମବାୟ ସମିତିର ସମ୍ପାଦକ ଶ୍ରୀଯୁକ୍ତ ବିଧାନ ଚନ୍ଦ୍ର ଘୋଷ ପ୍ରଦାନ କରିଥିଲେ।ଏହା ସହିତ ଏହି ସମବାୟ ସମିତିର ଏହା ପୂର୍ବରୁ ଆଠ ଲକ୍ଷ ଟଙ୍କାର ହେରଫେର ଓ ଗ୍ରାହକ ମାନଙ୍କ ଜମାଖାତା ନିଖୋଜ ହୋଇଯିବାର ଦୁର୍ନୀତିର କଳାତାଲିକା ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ସୁରେଶ ପଟ୍ଟନାୟକ ନାମରେ ଅଭିଯୋଗ ସହ ସେ ଅଭିଯୁକ୍ତ ସାବ୍ୟସ୍ତ ପରେବି ସେହି ଟଙ୍କା ଆଜିଯାଏ ସମବାୟ ସମିତିକୁ ହସ୍ତଗତ ହୋଇ ନାହିଁ କି କ୍ଷତିଗ୍ରସ୍ତ ହୋଇ ଥିବା ଚାଷୀ ଓ ଗ୍ରାହକ ତାଙ୍କର ଟଙ୍କା ଫେରିପାଇ ନାହାନ୍ତି। ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସମସ୍ତ ଇପିଏଫ ଓ ଗ୍ରାଜୁଇଟି ଟଙ୍କା ତାଙ୍କ ଖାତାରୁ କିପରି ସମବାୟ ସମିତିକୁ ଆସିବ ଓ ଚାଷୀ ଗ୍ରାହକ ତାଙ୍କର ଟଙ୍କା ଫେରି ପାଇବେ ସେ ନେଇ ସମବାୟ ସମିତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣ ଚାଷୀଙ୍କ ଦାବିକୁ ପୂର୍ବତନ ସଭାପତି ଶ୍ରୀଯୁକ୍ତ ଚିନ୍ମୟ କୁମାର ଘୋଷ ଉପସ୍ଥାପନ ରଖିଥିଲେ।




# ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ପଥପ୍ରାନ୍ତ ଯୋଗ ପ୍ରଦର୍ଶନୀ




ବାଲେଶ୍ୱର: , ୩୦/୩ (ନି.ପ୍ର): ବାଲେଶ୍ୱର ପଥ ଉତ୍ସବ-୨୦୨୫ ଆନୁକୂଲ୍ୟରେ ହିନ୍ଦୁ ନବବର୍ଷ କିମିଟି ଦ୍ୱାରା ବାଲେଶ୍ୱର ଷ୍ଟେସନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଆୟୋଜିତ ବିଭିନ୍ନ ପଥ ଉତ୍ସବ ଅଦ୍ୟ ବ୍ରାହ୍ମ ମୁହୂର୍ତ୍ତରୁ ପାଳିତ ହୋଇଯାଇଛି । ଏଥିରେ ୧୮ନମ୍ବର ମଞ୍ଚରେ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ତରଫରୁ ଏକ ପଥପ୍ରାନ୍ତ ଯୋଗ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କେନ୍ଦ୍ରର ସଭାପତି ଡ. ଜୟସ୍ମିତା ନାୟକଙ୍କ ଅଧକ୍ଷତାରେ ସଭା ଓ ପ୍ରଦର୍ଶନୀ କାର୍ଯ୍ୟ ପରିଚାଳିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର ଯୋଗର ମେଡ଼୍‌ମାନ ପ୍ରଦର୍ଶିତ ହୋଇଥିଲା। କେନ୍ଦ୍ରର ସମସ୍ତ ସାଧିକା ଯୋଗର ବିଭିନ୍ନ କ୍ରିୟାଗୁଡ଼ିକୁ ଅତି ସୁନ୍ଦର ଭାବରେ ଯୋଗ ଗୁରୁ ସୁଜିତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନ କରିଥିଲେ । ଧ୍ୟାନ, ପ୍ରାଣାୟାମ ଓ ବିଭିନ୍ନ ଆସନ ସହିତ ହନୁମାନ ଚାଳିଶା, ଶ୍ରୀମଦ୍ ଭାଗବତ ମହାପୁରାଣ, ଦେଶ ବନ୍ଦନା ଓ ଭଜନ ମଧ ପରିବେଶିତ ହୋଇଥିଲା । କେନ୍ଦ୍ରର ଉପସଭାପତି ଶ୍ରୀମତୀ ରୀତା ରାଉତ, ସମ୍ପାଦକ ଶ୍ରୀ ରଞ୍ଜନ କୁମାର ସାହୁ, ସହସମ୍ପାଦକ ଶ୍ରୀ ଧ୍ରୁବଚରଣ ବେହେରା, କୋଷାଧକ୍ଷ ଶ୍ରୀ ସୂର୍ଯ୍ୟ ନାରାୟଣ ପୋଥାଳ, ପରିଚାଳନା ସଭ୍ୟା ଜ୍ୟୋସ୍ନାଲତା ଜେନା, ସରସ୍ୱତୀ ଭୋଇ, ସୁଜାତା ପଣ୍ଡା, ବିଜୟଲକ୍ଷ୍ମୀ ଜେନା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# କେକେଏସ ମହିଳା କଲେଜରେ ଆଲୋଚନାଚକ୍ର




ବାଲେଶ୍ୱର, ୩୦।୩(ନିପ୍ର): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ. ଝାନ୍ ?ସୀ ଜେନା ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ପାତ୍ର ଅତିଥି ପରିଚୟ ଦେଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧାପକ ଡ. ପ୍ରଦୋଷ କୁମାର ଜେନା ଆଲୋଚନାଚକ୍ରର ବିଷୟବସ୍ତୁ 'ବଜେଟ ବିଶ୍ଳେଷଣ ଓ ଅର୍ଥନୀତିରେ ଏହାର ପ୍ରଭାବ' ସମ୍ପର୍କରେ ସୂଚନା ରଖିଥିଲେ। ମୁଖ୍ୟଅତିଥି ତଥା ବିଷୟ ବିଶେଷଜ୍ଞ ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଗୀତାଞ୍ଜଳି ପଣ୍ଡା ଯୋଗଦେଇ ବିଭିନ୍ନ ବଜେଟର ବିଶ୍ଳେଷଣ କରିବା ସହିତ ଏହା କିପରି ଆମର ଅର୍ଥନୀତି ଉପରେ ବଡ଼ ପ୍ରଭାବ ପକାଇଥାଏ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅଧାପକ ଡ. ଶୁଭସ୍ମିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନ୍ୟ ଅଧାପକ, ଅଧାପିକା ଓ ବିଭାଗୀୟ ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚାନ୍ଦିପୁର ଡିଆରଡିଓ ଟେକ୍ନିକାଲ କାର୍ଯ୍ୟକର୍ତ୍ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଲଙ୍ଗଳେଶ୍ୱର /:୩୦ ।୩:( ନି.ପ୍ର) ଶୁକ୍ରବାର ମୁକୁଳସି ପଞ୍ଚାୟତରେ ବରଡା ଗ୍ରାମର ଡି.ଆର.ଡି.ଓ.ର କର୍ମକର୍ତ୍ତା ଶ୍ରୀ ପିତାମ୍ବର ମୁର୍ମୁ ଙ୍କୁ ବିଭାଗ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ହାଡିବନ୍ଧୁ କିସ୍କୁ ସଭାପତିତ୍ୱ କରିବା ସହିତ ମୁଖ୍ୟ ଅତିଥି ବରେନ୍ଦ୍ର କୁମାର ପ୍ରଧାନ , ମୁଖ୍ୟ ବକ୍ତା ଲକ୍ଷ୍ମୀଧର ଦାସ୍ , ଏବଂ ସମ୍ମାନୀତ ଅତିଥି ଭାବରେ ଚାନ୍ଦିପୁର ଉଜଉଡ ବିଭାଗର ବରିଷ୍ଠ କର୍ମକର୍ତ୍ତା ସୁଜିତ୍ କୁମାର ସିଂ, ଗୋକୁଳାନନ୍ଦ ବେହେରା, ସୂର୍ଯ୍ୟକାନ୍ତ ସାହୁ, ରଶ୍ମିରଞ୍ଜନ ଜେନା, ଏ.କେ ଗନ୍ତାୟତ ପ୍ରମୁଖ ଯୋଗଦେଇ ଶ୍ରୀ ପିତାମ୍ବର ମୁର୍ମୁ ଙ୍କୁ ଚାକିରୀ ଜୀବନର ଇତିବୃତି ସମ୍ପର୍କରେ ଆଲୋଚନା ପୂର୍ବକ ଗଭୀର କୃତଜ୍ଞତା ଜଣାଇଥିଲେ। ବିଭାଗ ତରଫରୁ ବିଦାୟୀ କର୍ମକର୍ତ୍ତାଙ୍କୁ ମାନପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ରଘୁନାଥ ଟୁଡୁଙ୍କ ଆହ୍ୱାନ କ୍ରମେ ଯୋଶଦା ସୋରେନ୍, ବୈଦ୍ୟନାଥ ମୁର୍ମୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଚାରିଟି ଶ୍ରମ କୋଡ଼ ଉପରେ କନଭେନସନ୍




ବାଲେଶ୍ୱର, ୩୦/୦୩ : (ନି.ପ୍ର) କେନ୍ଦ୍ରରେ ୨୦୧୪ ମସିହା ଠାରୁ ମୋଦି ସରକାର କ୍ଷମତାକୁ ଆସିବା ପର ଠାରୁ ,ଶ୍ରମିକ ମାନଙ୍କ ଉପରେ ଆକ୍ରମଣ ଚାଲିଛି। ଶ୍ରମିକ ମାନେ ଲଢେଇ କରି ୪୪ ଟି ଶ୍ରମ ଆଇନ୍ ପାଇଥିଲେ । ସେଥିରେ ଶ୍ରମିକ ମାନେ ଉକ୍ତ ଆଇନ୍ ଦ୍ୱାରା ସେମାନଙ୍କର ଦାବି ହାସଲ କରି ପାରୁଥିଲେ। ମୋଦି ସରକାର କ୍ଷମତାକୁ ଆସିବା ପରେ ୪୪ ଟି ଆଇନ୍ କୁ ଉଚ୍ଛେଦ କରି ୪ ଟି ଶ୍ରମ କୋଡ଼ ରେ ପରିଣତ କରିଛନ୍ତି । ଫଳରେ ଶ୍ରମିକ ମାନେ ନିଜର ହକ୍ ପାଇଁ ଆଉ ଲଢେଇ କରି ପାରିବେ ନାହିଁ । ଏଥିରେ ମାଲିକ ମାନଙ୍କୁ ଓ ସରକାରଙ୍କୁ ପ୍ରାୟ ସମସ୍ତ କ୍ଷମତା ପ୍ରଦାନ କରା ଯାଇଛି । ଶ୍ରମ ବିଭାଗର ଅଫିସରମାନଙ୍କ ଠାରୁ ବହୁ କ୍ଷମତା ଛଡ଼ାଇ ନିଆ ଯାଇଛି । ଉକ୍ତ କୋଡ଼ କୁ ସାରା ଭାରତ ବର୍ଷରେ ପ୍ରତିବାଦ କରା ଯାଇଛି। ୪୪ ଟି ଶ୍ରମ ଆଇନ୍ ଗୁଡ଼ିକୁ ଉଚ୍ଛେଦ କରି, ଚାରିଟି କୋଡ଼ ପ୍ରଚଳନ ପାଇଁ ପାର୍ଲିଆମେଣ୍ଟର ଉଭୟ ଗୃହରେ ବିଲ ପାସ ହୋଇ, ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକରି ସାରିଛି। ତାହାକୁ ପ୍ରଚଳନ କରିବା ପାଇଁ ମୋଦି ସରକାର ଏପ୍ରିଲ ପହିଲାରୁ ସ୍ଥିର କରିଛନ୍ତି। ଏହାକୁ ବିରୋଧ କରି ଆସନ୍ତା ମେ ୨୦ ତାରିଖରେ ସାରା ଭାରତ ବର୍ଷରେ ହରତାଳ ପାଇଁ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ, ସ୍ୱାଧୀନ ଫେଡରେଶନ ମାନେ ଡାକରା ଦେଇଛନ୍ତି । ଏହାକୁ ସଫଳ କରିବା ପାଇଁ ସିଆଇଟିୟୁ ଜିଲ୍ଲା କମିଟି ତରଫରୁ ମୋଟର ଟ୍ରାଂସପୋର୍ଟ ୟୁନିଅନ ଅଫିସରେ ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ଏକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସିଟୁ ର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ସିଟୁର ଜିଲ୍ଲା ସମ୍ପାଦକ ବିଜୟ ପାତ୍ର, ପୂର୍ଣ୍ଣିମା ଜେନା, ଇଶାଣି ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ରାଉତ, ସୁଶାନ୍ତ ନାୟକ, ସୁଶାନ୍ତ ଜେନା, ଶ୍ୟାସୁନ୍ଦର ଜେନା , ରାଧା କୃଷ୍ଣ ମହାପାତ୍ର , ଅସିତ୍ ଚରଣ ଦାଶ, ଅଚ୍ୟୁତ ବାରିକ, ପଲଟୁଦାସ, ଅରୁଣ ମିଶ୍ର, ମଞ୍ଜୁଲତା ଦାସ, ପ୍ରମୋଦ ରାଉତ, ନିତ୍ୟାନନ୍ଦ ଜେନା, ରଜତ ଦାଶଙ୍କ ସମେତ ବହୁ ସାଥୀ ଯୋଗ ଦେଇଥିଲେ।

# ଭାରତର ସବୁକିଛି ବିଶ୍ୱବାସୀଙ୍କୁ ଅବଗତ କରାଇବାର ପର୍ବ ହିଁ ହିନ୍ଦୁ ନବବର୍ଷ : ପ୍ରମିଳା ପଣ୍ଡା



ଉଦଳା -ତା.୩୦/୦୩ (ନି.ପ୍ର)-ପ୍ରତିବର୍ଷ ଚୈତ୍ରଶୁକ୍ଳ ପ୍ରତିପଦ ଦିନଟିକୁ ହିନ୍ଦୁ ନବବର୍ଷ ଭାବରେ ସମଗ୍ର ଦେଶରେ ପାଳନ କରା ଯାଇଥାଏ । ଶାସ୍ତ୍ରର କହିବା ଅନୁସାରେ ଏହିଦିନ ଠାରୁ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ସର୍ଜନା ଓ କାଳଗଣନା ଆରମ୍ଭ ହୋଇଥିଲା । ସେହି ଗଣନା ଅନୁସାରେ ଆଜିଠାରୁ କଳିଯୁଗାବ୍ଦ-୫୧୨୭ ଆରମ୍ଭ ହେଲା । ତେବେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଭାରତର ଶିକ୍ଷା , ସାହିତ୍ୟ, ବିଜ୍ଞାନ, ଦର୍ଶନ ସବୁକିଛିକୁ ବିଶ୍ୱବାସୀଙ୍କୁ ଅବଗତ କରାଇବାର ପର୍ବ ହିନ୍ଦୁ ନବବର୍ଷ ଅଟେ ବୋଲି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେଉଁ ସମୟରେ ବିଶ୍ୱର ଅନ୍ୟଦେଶ ମାନେ ଗଣିତଶାସ୍ତ୍ର ବିଷୟରେ ଆଦୌ ଜାଣିନଥିଲେ ସେତେବେଳେ ଭାରତବର୍ଷରେ ଗଣିତ ଶାସ୍ତ୍ରର ଉପଯୋଗ ଦେଖିବାକୁ ମିଳୁଥିଲା । ଏହାର ଅନେକ ସ୍ମୃତି ସ୍ମାରକୀ ଓଡ଼ିଶା ମାଟିରେ ଦେଖିବାକୁ ମିଳେ । ସେହିପରି ବିଜ୍ଞାନ, ଦର୍ଶନ, ସାହିତ୍ୟ ସବୁକିଛିରେ ଭାରତ ଏତେ ସମୃଦ୍ଧ ଥିଲା ଯେ ଭାରତକୁ ପାଠ ପଢ଼ିବା ପାଇଁ ପୃଥିବୀର ଅନ୍ୟ ଦେଶରୁ ଛାତ୍ର ଛାତ୍ରୀଙ୍କର ସୁଅ ଛୁଟିଥିଲା । ତକ୍ଷଶିଳା ବିଶ୍ୱ ବିଦ୍ୟାଳୟ ଏହାର ସାକ୍ଷୀ ଅଟେ । ଏ ସମସ୍ତ ବିଷୟକୁ ଆଜିର ଦିନରେ ମନେ ପକାଇବା ଓ ଅନ୍ୟ ମାନଙ୍କୁ ଜଣାଇବା ହିନ୍ଦୁ ନବବର୍ଷ ପାଳନର ପ୍ରଧାନ କାମ ଅଟେ ବୋଲି ନଗରପାଳ ଶ୍ରୀମତୀ ପଣ୍ଡା ଗଣମାଧ୍ୟମକୁ ଜଣାଇଛନ୍ତି ।

# ବିକଳାଙ୍ଗ ପରିବାର ପାଖରେ ପହଞ୍ଚିଲେ ଜଳେଶ୍ୱର ବିଡ଼ିଓ

ଜଳେଶ୍ୱର ୩୦/୩ (ନିପ୍ର) : ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଆଜି ଅପରାହ୍ନ ସମୟରେ ଦକ୍ଷିଣ ପ୍ରହରାଜପୁର ଗ୍ରାମର ଦେବେନ୍ଦ୍ର ଜେନାଙ୍କ ଘରେ ପହଞ୍ଚି ଥିଲେ ଓ ତାଙ୍କର ୧୩ ବର୍ଷର ଝିଅ ପିନାକୀ ଜେନା ଜନ୍ମରୁ ବିକଳାଙ୍ଗ ଝିଅକୁ ଭେଟି ଥିଲେ ତାଙ୍କର ଦୁଃଖ ସୁଖ ଶୁଣିବା ସହିତ ତାଙ୍କୁ ଏକ ହ୍ୱିଲ୍ ଚ୍ୟାର ପ୍ରଦାନ କରିଥିଲେ ଓ ସାଥିରେ ମିଷ୍ଟାନ୍ନ ମଧ ପ୍ରଦାନ କରିଥିଲେ ସାଥିରେ ଉପସ୍ଥିତି ରହୁଥିଲେ ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ , ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ଏହି ପରି କାର୍ଯ୍ୟରେ ସ୍ଥାନୀୟ ଲୋକେ ପ୍ରଶଂସା କକରିବା ସହିତ ଦେବେନ୍ଦ୍ରଙ୍କ ପରିବାର ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି ।

# ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ଅନୁଷ୍ଠିତ



ବାଲକାଟି: ୩୦।୩ (ନି.ପ୍ର): ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହରପ୍ରିୟା ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ସ୍ଥାନୀୟ ଯଶୁଆପୁର ବାଲିପୋଖରି ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚଳଚିତ୍ର ସଂଳାପ ଲେଖକ ଓ ବରିଷ୍ଠ ସାହିତ୍ୟିକ ଡ଼. ରଜନୀ ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. କାଳନ୍ଦୀ ଚରଣ ସାହୁ, ସାହିତ୍ୟିକ ଡ. ପ୍ରସନ୍ନ ଦାଶ, ଗାନ୍ଧିକା କମଳିନୀ ମଲ୍ଲିକ, ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ସାହିତ୍ୟ ହେଉଛି ସୃଜନଶୀଳତାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସାହିତ୍ୟ ନିଜ ଅଞ୍ଚଳର ପରିଚୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ । ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ କ୍ଷ ସାହିତ୍ୟକୁ ଉଜ୍ଜୀବିତ କରିବାପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ କବି ସାହିତ୍ୟିକ ନିଜର କବିତା ପଠନ କରିଥିଲେ । ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ 'ସାରସ୍ୱତ ସ୍ରଷ୍ଟା' ସମ୍ମାନରେ ସ୍ୱର୍ଣ୍ଣଲତା ପତିଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସମାଜସେବା କ୍ଷେତ୍ରରେ ସୁଜିତ୍ ବେହେରା, ରେଣୁକା ସେଠୀ, ନିରଞ୍ଜନ ନାୟକ, ଦୁର୍ଯ୍ୟୋଧନ ପ୍ରଧାନ, ସାମ୍ବାଦିକ କ୍ଷେତ୍ରରେ ଆସିତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ ଗୀତିକାର ସୋନାଲି ପ୍ରିୟଦର୍ଶିନୀ ଓ ଅଧାପିକା ପ୍ରତିମା ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅନ୍ୟତମ ଟ୍ରଷ୍ଟି ଶ୍ରୀକୁମାର ଆଶୁତୋଷ ଭୋଇ, ଉମାକାନ୍ତ ବେହେରା, ଗୋଲେଖ ବେହେରା, ଦୀପକ ସ୍ୱାଇଁ ଓ କବି ରାମହରି ମହାରଣା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଶୁତୋଷ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ



ବାଲିଆପାଳ ୩୦/୩ (ନି.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ସାର୍ଥକ ଉଚ୍ଚ ବିଦ୍ୟାଳୟ ପରିସରରେ ଅପରାହ୍ନ ୪ ଟା ରେ ମଙ୍ଗଳାମାତା ଫାଉଣ୍ଡେସନ ଏବଂ ଦେଉଳା ପଞ୍ଚାୟତର ମିଳିତ ସହଯୋଗରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଫାଉଣ୍ଡେସନର ସମ୍ପାଦକ ଭାଗବତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍ସ ହସ୍ପିଟାଲ କ୍ୟାନ୍ସର ମୂଖ୍ୟ ପ୍ରଫେସର ଡ଼ଃ ସରୋଜ କୁମାର ଦାସ ମୁଜୁମଦାର ଯୋଗଦେଇ କର୍କଟ ରୋଗ ବିଷୟରେ ସଚେତନତାକରାଇଥିଲେ ସମ୍ମାନୀତ ଅତିଥି ଭାବେ ଦେଉଳା ସରପଞ୍ଚ ସୋରଜ କୁମାର ପିଳା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧିର କୁମାର ବାରିକ, ସମାଜସେବୀ ବାଳ ଗୋପାଳ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ହିନ୍ଦି ଶିକ୍ଷକ ଅନନ୍ତ କୁମାର ରାଉଳ ପରିଚାଳନା କରିଥିଲା ବେଳେ ଦେଉଳ ପଞ୍ଚାୟତର ସଦସ୍ୟ ପ୍ରତିନିଧି ଜୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦେଉଳା ପଞ୍ଚାୟତର ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଜଳେଶ୍ୱରରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଉତ୍ସବ



ଜଳେଶ୍ୱର,୩୦/୩ (ନି.ପ୍ର) ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କ କାର୍ଯ୍ୟକାରି ଯୋଜନାରେ ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡ଼ିଶା।ଏହି ଉକ୍ତିକୁ ପାଥେୟ କରି ଆଜି ଜଳେଶ୍ୱର ବ୍ଲକ ପକ୍ଷରୁ ସମାଜର ଦୁର୍ବଳ ବର୍ଗର ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେଇ ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଅନ୍ତୋଦୟ ଗୃହ ଯୋଜନା ଜଳେଶ୍ୱର ସ୍ଥିତ ଶାନ୍ତିଆ ଷ୍ଟାଡିୟମ୍ ପରିସରରେ ଓଡିଶାର ମନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆବାସୀ ମାଧମରେ ଶୁଭାରମ୍ଭ କରିଥିଲା ବେଳେ ବ୍ଲକ ତରଫରୁ ଏକ ସଧାରଣ ସଭା ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।ସାଂସଦ ପ୍ରତିନିଧି, ପ୍ରାକ୍ତନ୍ ବ୍ଲକ ଉପାଧକ୍ଷ ତଥା ବିଜେପିର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ,ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଜିଲ୍ଲା ପରିଷଦ ଉପ ସଭାପତି ଅନୁଷୟା ପ୍ରଧାନ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ ଓ ପ୍ରଭାକର ଷଡ଼ଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଓଡିଶା ସରକାରଙ୍କ ଏହିଭଳି ଜନ ହିତକର କାର୍ଯ୍ୟକୁ ଘୁରି ଘୁରି ପ୍ରସଂଶା କରିଥିଲେ।ସେକ୍ସନ ଅଫିସର ମନ୍ଦାକିନୀ ସିଂ ମଞ୍ଚ ଆହ୍ୱାନ କରିଥିଲା ବେଳେ ଜିପିଡିଓ ସଲିମା ରାଉତ ମଞ୍ଚ ପରିଚାଳନା କରିଥିଲେ। ଏପିଓ ପାୟଲ ସାହୁ, ବିପିସି ଶର୍ମିଷ୍ଠା ଚକ୍ରବର୍ତ୍ତୀ, ବିପିଏ ଉତ୍ତମ ଖଟୁଆ ଓ ସ୍ନେହଲତା ଦାସ, ମାନସ କୁମାର ପାତ୍ର ସମସ୍ତ କାର୍ଯ୍ୟ ପରି ଚାଳନା କରିଥିଲେ।ସମସ୍ତ ସରପଞ୍ଚ, ସଦସ୍ୟ, ସଦସ୍ୟା, ସମସ୍ତ ଜୁନିୟର ଇଞ୍ଜିନିୟର, ସମସ୍ତ ଏମ୍‌ବିକେ, ସିଆରପି, ବ୍ଲକର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଜଳେଶ୍ୱର ବ୍ଲକର ୩୫ ଟି ପଞ୍ଚାୟତର ମୋଟ ୫୩୫ ଜଣ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧୀକାରୀଙ୍କୁ ଚୟନ କରା ଯାଇଛି। ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୪ ଜଣ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧୀକାରୀଙ୍କୁ ଆଜି କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଥିଲା।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida